


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୮ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 JANUARY 2025

Vol.No. 36 ■ No.26 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



## ଆଜିଠୁ ଆରମ୍ଭ ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍

### ଆଜି ଯୋଗଦେବେ ପ୍ରଧାନମନ୍ତ୍ରୀ ମୋଦୀ: କଟକଣା ଜାରି କଲା ପୁଲିସ କମିଶନରେଟ୍





ଭୁବନେଶ୍ୱର, ୨୭/୧(ନି.ପ୍ର) : ଉତ୍ସାହିତ ଓଡ଼ିଶା, ଉତ୍ସାହିତ ଶିଳ୍ପସଂଘ। କାଲିଠୁ ଭୁବନେଶ୍ୱର ଜନତା ମୈଦାନରେ ଆରମ୍ଭ ହେଉଛି ଦୁଇଦିନିଆ ଶିଳ୍ପ ମହାକୁମ୍ଭ-ଉତ୍କର୍ଷ ଓଡିଶା କନକ୍ଲେଭ୍। ବଡ଼ କଥା ହେଉଛି ପ୍ରଥମଥର ପାଇଁ ପୁଞ୍ଜିନିବେଶକଙ୍କୁ ଆକୃଷ୍ଟ କରିବାକୁ ଓଡ଼ିଶାରେ ଆୟୋଜିତ ଏ ଶିଳ୍ପପତି ସମ୍ମିଳନୀକୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ସବୁ ପ୍ରସ୍ତୁତି ସରିଥିଲା ବେଳେ ଶିଳ୍ପମନ୍ତ୍ରୀ କହିଛନ୍ତି, ଏଇ କନକ୍ଲେଭ୍ ଶେଷରେ ଗଙ୍ଗା ସ୍ରୋତ ଭଳି ଓଡ଼ିଶାକୁ ଛୁଟିବ ନିବେଶକଙ୍କ ସୁଅ। ରାତି ପାହିଲେ ଉତ୍କର୍ଷ ଓଡ଼ିଶା କନକ୍ଲେଭ୍-୨୦୨୫। ଦେଶ ବିଦେଶର ହଜାର ହଜାର ଶିଳ୍ପପତିଙ୍କ ଉପସ୍ଥିତିରେ ଦୁଇ ଦିନିଆ ଏ ଶିଳ୍ପ ମହାକୁମ୍ଭକୁ ଉଦ୍ଘାଟନ କରିବେ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏଥିପାଇଁ ପ୍ରସ୍ତୁତ ଜନତା ମଇଦାନ, ପୂରା ପ୍ରସ୍ତୁତ ଓଡ଼ିଶା। ଶିଳ୍ପ ପ୍ରତିଷ୍ଠା ଲାଗି ଓଡ଼ିଶାରେ ଥିବା ପ୍ରତିଟି ସୁବିଧା ସୁଯୋଗକୁ ନିବେଶକଙ୍କୁ ଜଣାଇବା ଲାଗି କୌଣସି ବିକଳ୍ପ ଛାଡ଼ିନାହାନ୍ତି ରାଜ୍ୟ ସରକାର। ସ୍ୱତନ୍ତ୍ର ଥିମ୍ ଏରିଆରେ ପ୍ରଦର୍ଶିତ ହେବ ରାଜ୍ୟରେ ଏମ୍ଏସ୍ଏମ୍ଇ, ପର୍ଯ୍ୟଟନ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ସୁଭଦ୍ରା, ଷ୍ଟାର୍ଟ ଅପ୍, ଦକ୍ଷତା ବିକାଶ ଓ ବୟନ ଶିଳ୍ପ ପାଇଁ ରହିଥିବା ସୁବିଧା ସୁଯୋଗ। ଦୁଇଟି ବିଶାଳ ହଲରେ ରାଜ୍ୟରେ ଗଢ଼ି ଉଠିଥିବା ସବୁ ବଡ଼ ଶିଳ୍ପସଂସ୍ଥା ସମ୍ପର୍କରେ ଜାଣିବାକୁ ପାଇବେ ନିବେଶକ। ୪ଟି ସେସନ୍ ହଲରେ ଅନୁଷ୍ଠିତ ହେବ ୧୨ଟି ଶିଳ୍ପକ୍ଷେତ୍ର ଆଧାରିତ ଅଧିବେଶନ। କଣ୍ଟ୍ରି ଅଫ୍ ଫୋକସ୍, ସିଇଓ ରାଉଣ୍ଡଟେବୁଲ ୱିଥ୍ ସିଏମ୍, ୱିମେନ ବିଜନେସ ଲିଡରସିପ୍, ଏଡିଟର୍ସ ରାଉଣ୍ଡଟେବୁଲ ଭଳି ୬ଟି ଥିମ୍ ଅଧିବେଶନ ବି ହେବ। ଏନେଇ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି, ଅପାର ସମ୍ଭାବନା ସତ୍ତ୍ୱେ ପୂର୍ବ ସରକାରରେ ବିଗତ ଦୁଇ ଦଶନ୍ଧି ଧରି ଶିଳ୍ପ ମରୁଭୂମି ପାଲଟିଥିଲା ଓଡ଼ିଶା। ନୂଆ ସରକାର ଅକ୍ଷୟ ଶକ୍ତି, ଜାହାଜ ନିର୍ମାଣ, କେମିକାଲ, ପେଟ୍ରୋକେମିକାଲ, ସେମିକଣ୍ଡକ୍ଟର ଭଳି ନୂଆପିଢ଼ିର ତଥା ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି। ▶▶ପୃଷ୍ଠା ୭

## ଉତ୍ତରାଖଣ୍ଡରେ ଲାଗୁ ହେଲା ୟୁନିଫର୍ମ ସିଭିଲ୍ କୋଡ୍: ରହିବନି ଭେଦଭାବ




ନୂଆଦିଲ୍ଲୀ, ୨୭/୧ : ଇତିହାସ ସୃଷ୍ଟି କଲା ଉତ୍ତରାଖଣ୍ଡ । ଦେଶର ପ୍ରଥମ ରାଜ୍ୟ ଭାବେ ଲାଗୁ କଲା ୟୁନିଫର୍ମ ସିଭିଲ୍ କୋଡ୍ । ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଅବ୍ୟବହିତ ପୂର୍ବରୁ ୟୁସିସି ପୋର୍ଟାଲର ଉନ୍ମୋଚନ କରିଛନ୍ତି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି । ଟଉଉ ଉତ୍ତରାଖଣ୍ଡ ରାଜ୍ୟ ପାଇଁ ଲାଗୁ ହୋଇଛି । ଏଥି ସହିତ ରାଜ୍ୟ ବାହାରେ ରହୁଥିବା ଉତ୍ତରାଖଣ୍ଡର ବାସିନ୍ଦାଙ୍କ ପାଇଁ ମଧ ଏହା ଲାଗୁ ହେବେ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି, ଟଉଉ ସଦଭାବନାପୂର୍ଣ୍ଣ ସମାଜର ମୂଳଦୁଆ ପକାଇବ । ଧର୍ମ, ଜାତି, ଲିଙ୍ଗ ଓ ସଂପ୍ରଦାୟକୁ ନେଇ ଭେଦଭାବ ରହିବ ନାହିଁ । ଉତ୍ତରାଖଣ୍ଡରେ ଏହା ଲାଗୁ ହେବ ବୋଲି ଗତ ମାସରେ ଘୋଷଣା କରିଥିଲେ ଧାମି । ଏ ନେଇ ପ୍ରସ୍ତୁତି ସରିଛି ଓ ଲାଗୁ କରିବା ପାଇଁ ଯାହା ଯାହା ଦରକାର, ତା ଉପରେ କାମ ହେଉଛି ବୋଲି ସେ କହିଥିଲେ । ସମ୍ପତ୍ତିରେ ପୁଅ ଝିଅଙ୍କ ସମାନ ଅଧିକାର: ଯିଏ ଯେକୌଣସି ବର୍ଗର ହୋଇଥାଆନ୍ତୁ ନା କାହିଁକି, ୟୁନିଫର୍ମ ସିଭିଲ୍ କୋଡରେ ସମ୍ପତ୍ତି ଉପରେ ଉଭୟ ପୁଅ ଓ ଝିଅଙ୍କର ସମାନ ଅଧିକାର ରହିବ । ବିବାହ ବ୍ୟବସ୍ଥା: ଏକାଧିକ ବିବାହ ଉପରେ କଟକଣା । ଏହି ଆଇନରେ ଜଣେ ଜଣକୁ ବିବାହ କରିବାର ବ୍ୟବସ୍ଥା ରହିଛି । ମାନସିକ ଭାବେ ସୁସ୍ଥ ଥିବା ୨୧ ବର୍ଷର ଯୁବକ ଓ ୧୮ ବର୍ଷର ଯୁବତୀ ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ । ନିଜର ଧାର୍ମିକ ପରମ୍ପରାରେ ବିବାହ ହୋଇପାରେ, କିନ୍ତୁ ବିବାହ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ । ଅବୈଧ ଓ ବୈଧ ସନ୍ତାନ ଦ୍ୱନ୍ଦ୍ୱ ଦୂର : ବୈଧ ଓ ଅବୈଧ ସନ୍ତାନଙ୍କ ମଧ୍ୟରେ ପାର୍ଥକ୍ୟ ରହିବନି । ସମ୍ପତ୍ତିରେ ସମାନ ଅଧିକାର ରହିବ । ସବୁ ସନ୍ତାନଙ୍କୁ ଜନ୍ମିତ ସନ୍ତାନଭାବେ ବିବେଚନା କରାଯିବ । ▶▶ପୃଷ୍ଠା ୭

## ପ୍ରକାଶ ମିଶ୍ର ହେଲେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା



ଭୁବନେଶ୍ୱର, ୨୭/୧(ନି.ପ୍ର) : ପୂର୍ବତନ ପୋଲିସ୍ ଡିଜି ପ୍ରକାଶ ମିଶ୍ରଙ୍କୁ ମିଳିଲା ନୂଆ ଦାୟିତ୍ୱ। ସେ ମୁଖ୍ୟମନ୍ତ୍ରୀ ମୋହନ ଚନ୍ଦ୍ର ମାଝୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ମିଳିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ଦାୟିତ୍ୱ ମିଳିବା ପରେ ପ୍ରକାଶ ମିଶ୍ର ଓଟିଭିକୁ କହିଛନ୍ତି, ଗୁରୁଦାୟିତ୍ୱ ମିଳିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି, ତାକୁ ମୁଁ ସୁଚାରୁ ରୂପେ ତୁଲାଇବି। ଜନହିତରେ ଯାହା ହୋଇପାରିବ, ତାହା ମିଳିମିଶି କରିବୁ। ଲୋକଙ୍କ ସମସ୍ୟା କିପରି ଦୂର ହେବ, ସେଥିପ୍ରତି ଧ୍ୟାନ ଦେବୁ ବୋଲି ପ୍ରକାଶ ମିଶ୍ର କହିଛନ୍ତି। ୧୯୭୭ ବ୍ୟାଚର ଆଇପିଏସ୍ ଅଫିସର ଶ୍ରୀ ମିଶ୍ର ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ୍ ଡିଜି ହୋଇଥିଲେ। ପରବର୍ତ୍ତୀ ସମୟରେ ସେ କେନ୍ଦ୍ରକୁ ଯାଇଥିଲେ। ଆଉ ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସର ଡିଜି ହୋଇଥିଲେ। ସେ ୨୦୧୪ରୁ ୨୦୧୬ ମସିହା ପର୍ଯ୍ୟନ୍ତ ରହିଥିଲେ। ତା'ପରେ ଚାକିରିରୁ ଅବସର ନେଇଥିଲେ। ଚାକିରିରୁ ଅବସର ନେବା ପରେ ଶ୍ରୀ ମିଶ୍ର ବିଜେପିରେ ଯୋଗ ଦେଇଥିଲେ। ଆଉ ୨୦୧୯ ସାଧାରଣ ନିର୍ବାଚନରେ କଟକ ଲୋକସଭା ▶▶ପୃଷ୍ଠା ୭

## ମଧୁସୂଦନ ପାଢ଼ୀଙ୍କୁ ରାଜ୍ୟ ନିର୍ବାଚନ କମିଶନର ଦାୟିତ୍ୱ



ଭୁବନେଶ୍ୱର, ୨୭/୧(ନି.ପ୍ର) : ରାଜ୍ୟ ନିର୍ବାଚନ କମିସନର ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମଧୁସୂଦନ ପାଢୀଙ୍କୁ ରାଜ୍ୟ ସରକାର ନୂଆ ଦାୟିତ୍ୱ ଦେଇଛନ୍ତି। ୨୦୨୭ରେ ହେବାକୁଥିବା ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଙ୍କୁ ସରକାର ରାଜ୍ୟର ନୂଆ ନିର୍ବାଚନ କମିସନର ଭାବେ ନିଯୁକ୍ତ କରିଛନ୍ତି । ଭାରତର ସମ୍ବିଧାନର ଧାରା '୨୪୩-କେ'ର ଧାରା (୧) ଅନୁଯାୟୀ ଓଡ଼ିଶା ରାଜ୍ୟପାଳ ଡ. ହରିବାବୁ ▶▶ପୃଷ୍ଠା ୭

## ୨୦୨୪ ପରେ ବିଜେଡି କରିବାକୁ ଯାଉଛି ସାଂଗଠନିକ ନିର୍ବାଚନ




ଭୁବନେଶ୍ୱର, ୨୭/୧(ନି.ପ୍ର) : ୨୦୨୪ ସାଧାରଣ ନିର୍ବାଚନର ବଡ଼ ବିପର୍ଯ୍ୟୟ ପରେ ବିଜେଡି କରିବାକୁ ଯାଉଛି ସାଂଗଠନିକ ନିର୍ବାଚନ। ତେବେ କାହାକୁ ମିଳିବ କେଉଁଠି ଦାୟିତ୍ୱ? ଆରମ୍ଭ ହୋଇଗଲାଣି ଟଣା ଓଟରା। ଜୁନିୟର ଓ ସିନିୟର ନେତା ମେଳି କରି ଦେଖାଇ ଲେଣି ଦମ୍ଭ। ଯେଉଁଥିପାଇଁ ବଢ଼ିଛି ଦଳପତିଙ୍କ ଚିନ୍ତା। ଗୋଟିଏ ପଟେ ଆଗ ଧାଡ଼ିର ନେତାଙ୍କୁ ବିପର୍ଯ୍ୟୟ ପରେ ବିରୋଧ ତୀବ୍ର ହେଉଥିବା ବେଳେ ପରାଜିତ ବିଧାୟକମାନେ ମଧ ସଂଗଠନ ଡୋରି ଧରିବାକୁ ଆଗଭର ହେଲେଣି। କିଛି ନେତା ନୂଆ ପିଢିଙ୍କୁ ବାଟ ଛାଡିବାକୁ ଦାବି କରୁଥିବା ବେଳେ ଆଉ କିଛି ବରିଷ୍ଠଙ୍କୁ ପରିଚାଳନା ଦାୟିତ୍ୱ ଦେବାକୁ ଲବି ଆରମ୍ଭ କରିଛନ୍ତି। ତେବେ ଆଗଧାଡ଼ିର ନେତାଙ୍କୁ ବାଦ ଦେଇ ନୂଆ ପିଢିକୁ ଦାୟିତ୍ୱ ଦିଆଯିବ, ନା ପୂରା ଟିମ ନୂଆ କରାଯିବ ସେନେଇ ଦଳପତିଙ୍କ ମୁଣ୍ଡ ବିନ୍ଧା ବଢିଛି। ବିଜେଡିର ବିଭିନ୍ନ ପ୍ରମୁଖ ସଂଗଠନ ପାଇଁ ଏବେଠୁ ଅନେକ ନାଁ ଚର୍ଚ୍ଚାକୁ ଆସିଲାଣି। ତା' ସହ ଲବି ମଧ ଜୋର୍ ଧରିଛି। ବିଜେଡିର ଏକଦା ଭୋଟ ବ୍ୟାଙ୍କ ଥିବା ମହିଳା ବର୍ଗକୁ ଦଳ ଏଥର ଅଧିକ ଫୋକସ ଦେଉଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦକ୍ଷ ନେତ୍ରୀଙ୍କୁ ଦାୟିତ୍ୱ ଦେବାକୁ ଚିନ୍ତା କରୁଛି ଦଳ। ଏହି ରେସ୍‌ରେ ଆଗରେ ଅଛନ୍ତି କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନ। ସେହିପରି ଶ୍ରୀମୟୀ ମିଶ୍ର ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀଙ୍କ ନାଁ ▶▶ପୃଷ୍ଠା ୭

## ପୁଣି ନକ୍ସଲ ହିଂସା: ଗ୍ରାମବାସୀଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ନିର୍ମମ ହତ୍ୟା

ମାଲକାନଗିରି, ୨୭/୧ (ନି.ପ୍ର): ମାଲକାନଗିରି ସୀମାନ୍ତ ଛତିଶଗଡରେ ଏବେ ନକ୍ସଲ ପୁଲିସର ଘନ ଘନ ଆକ୍ରମଣରେ ଲୁଚିବାକୁ ପ୍ରୟାସ କରୁଛନ୍ତି। ନିଜର କ୍ଷତି ଦେଖି ନକ୍ସଲ ଏବେ ହଡବଡେଇ ଯାଉଛନ୍ତି। ଲୋକଙ୍କ ମନରେ ଭୟ ଜାତ କରିବା ପାଇଁ ନକ୍ସଲ କାପୁରୁଷତା କାମ କରୁଛନ୍ତି। ଏହି କ୍ରମରେ ଗତକାଲି ରାତିରେ ନକ୍ସଲ ଜଣେ ଗ୍ରାମବାସୀକୁ ହତ୍ୟା କରି ପୁଲିସ ଇନଫର୍ମର ବୋଲି ଦର୍ଶାଇଛନ୍ତି। ଗୋଟିଏ ପଟେ ଯବାନ ନକ୍ସଲଙ୍କୁ ଖୋଜି ଖୋଜି ମାରୁଥିବା ବେଳେ ନକ୍ସଲ ନିଜର ପତିଆରା ଜାହିର କରିବା ପାଇଁ ବିଜାପୁର ଜିଲ୍ଲାର ଭେରମଗଡ ଥାନା ଅଞ୍ଚଳର କେସାମୁଣ୍ଡି ଗ୍ରାମରେ ଗତକାଲି ସଂନ୍ଧ୍ୟା ୭ଟା ବେଳେ ପହଞ୍ଚିଥିଲେ। ଗ୍ରାମର ଭଦରୁ ସୋଡି(୪୧)ଙ୍କୁ ଖୋଜିଥିଲେ। ଗ୍ରାମବାସୀ ନକ୍ସଲଙ୍କୁ ଏନେଇ ଅଟକାଇଥିଲେ ମଧ ଭଦରୁର ଘର ଖୋଜି ନକ୍ସଲ ଘର ଭିତରେ ପଶିଥିଲେ। କେହି କିଛି ବୁଝିବା ପୂର୍ବରୁ ଧାରୁଆ ଅସ୍ତ୍ରରେ ଭଦୁରୁଙ୍କୁ ହତ୍ୟା କରିଥିଲେ। ହତ୍ୟା ପରେ ଘଟଣାସ୍ଥଳରେ ଏକ ପୋଷ୍ଟର ଛାଡି ଯାଇଥିଲେ। ସେଥିରେ ଭଦରୁ ପୁଲିସର ଇନଫର୍ମର ପାଲଟିଥିଲା। ଦେଶଦ୍ରୋହୀ କାମ କରିଥିବା ନେଇ ନକ୍ସଲ ତାଙ୍କୁ ହତ୍ୟା କରାଯାଇଥିବା ନକ୍ସଲ କହିଛ୍ତି। ସେ ସଲଓ୍ୱା ଜୁଡୁମରେ ସାମିଲ ହୋଇଥିଲା। ଖବର ପାଇ ଭେରମଗଡ ପୁଲିସ ଘଟଣାସ୍ଥଳରେ ▶▶ପୃଷ୍ଠା ୭

## ଆଉ ୪ ଦିନ ପରେ ସରିବ ଇ-କେଓ୍ୱାଇସି ଅପଡେଟ୍: ଯୋଗାଣ ମନ୍ତ୍ରୀ


ଭୁବନେଶ୍ୱର, ୨୭/୧ (ନି.ପ୍ର): ଆଉ ୪ ଦିନ ପରେ ରାଜ୍ୟରେ ରାସନ କାର୍ଡ ଇ-କେଓ୍ୱାଇସି ଅପଡେଟ୍ ସରିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ଜାନୁଆରି ୩୧ ସୁଦ୍ଧା ଇ-କେଓ୍ୱାଇସି ଅପଡେଟ୍ ଲାଗି ସରକାର ଦିନ ଧାର୍ଯ୍ୟ କରିଛନ୍ତି । ଯଦି ସମୟ ସୁଦ୍ଧା ଏହା ନସରେ ପରବର୍ତ୍ତୀ ସମୟରେ ସରକାର ବିଚାର କରି ପଦକ୍ଷେପ ନେବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ୪୦ ଲକ୍ଷ ୪୦ ହଜାର ୮୬୪ ରାସନ କାର୍ଡ ହିତାଧିକାରୀ ଇ-କେଓ୍ୱାଇସି କରି ନାହାନ୍ତି । ମୋଟ ୩କୋଟି ୩୫ ଲକ୍ଷ ୫୭୦ ହିତାଧିକାରୀଙ୍କ ମଧ୍ୟରୁ ୨କୋଟି ୯୪ ଲକ୍ଷ ୫୯ ହଜାର ୮୮୬ଜଣଙ୍କର ଇ-କେଓ୍ୱାଇସି ସରିଛି । ଏହା ମୋଟ ହିତାଧିକାରୀଙ୍କ ୮୮ ପ୍ରତିଶତ ବୋଲି ସୂଚନା ଦେଇଛନ୍ତି। କାର୍ଡରେ ଅଯୋଗ୍ୟ ଓ ମୃତ ବ୍ୟକ୍ତି ଥିବାରୁ ଇ-କେଓ୍ୱାଇସି କରିବାକୁ ବହୁ ହିତାଧିକାରୀ ଆସୁ ନାହାନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି । ରାଜ୍ୟ ବାହାରେ ୧ ଲକ୍ଷ ୩୦ ହଜାର ୨୬ ଜଣ ହିତାଧିକାରୀ ଇ-କେଓ୍ୱାଇସି କରିଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ନୂଆ ସରକାରରେ ବାବୁରାଜ୍: ମନ୍ତ୍ରୀଙ୍କ ବାଟ ଓଗାଳୁଛନ୍ତି ଅଫିସର: ଗୁମର ଖୋଲିଲେ ମନ୍ତ୍ରୀ



ଭୁବନେଶ୍ୱର, ୨୭/୧(ନି.ପ୍ର) : ନୂଆ ବିଜେପି ସରକାରରେ ବି ଚାଲିଛି ବାବୁରାଜ । ଅଫିସର ସରକାରଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି । ସିଧାସଳଖ ମୁଣ୍ଡ ନ ପୁରାଇବାକୁ ମନ୍ତ୍ରୀଙ୍କୁ କହୁଛନ୍ତି । ଖୋଦ୍ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏଭଳି କହିବା ପରେ ସରକାରଙ୍କୁ ଘେରିବାକୁ ବିରୋଧୀଙ୍କୁ ମିଳିଯାଇଛି ସୁଯୋଗ। ସରକାରରେ ବାବୁରାଜ୍ ! ସାରା ରାଜ୍ୟର ମଣ୍ଡିରେ ଧାନ ଉଠାକୁ ନେଇ ଅବ୍ୟବସ୍ଥା ଲାଗିରହିଛି । ମଣ୍ଡିରୁ ଧାନ ଉଠୁନି । କଟନୀ ଛଟନୀ ଅଭିଯୋଗ ଆସୁଛି । ଏହି ସମୟରେ ଖୋଦ୍ ଯୋଗାଣ ମନ୍ତ୍ରୀ ପୂରା ବ୍ୟବସ୍ଥାର ଗୁମର ଖୋଲିଦେଇଛନ୍ତି । କହିଛନ୍ତି , ଅଫିସର କହୁଛନ୍ତି ଚାଷୀ ମିଲରଙ୍କ ଭିତରେ ମୁଣ୍ଡ ପୁରାନ୍ତୁନି ସରକାର। କୃଷକ-ମିଲରଙ୍କ ମଧ୍ୟରେ ଛାଡିଦିଅନ୍ତୁ । ସେମାନେ ଆପେ ନେଇଯିବେ । କିଛି ଜିଲ୍ଲାରେ ମିଲର ମାନମାନି କରୁଛନ୍ତି। ଜିଦ୍ ଧରୁଛନ୍ତି ୬ରୁ ୭ କିଲୋ କାଟିବା ପାଇଁ। ମିଲର କହୁଛନ୍ତି ଚାଷୀ ଏତେ ଟଙ୍କା ପାଉଛନ୍ତି ଆମେ କଣ ପାଇବୁ ? ତେବେ ଯେତେବଡ଼ ଅଫିସର ହେଉ କଟନୀ ଛଟନୀରେ ସହଯୋଗ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ? ଯେଉଁ ମିଲର ମାନେ ଏମିତି କରିବେ ତାଙ୍କ ମିଲ ବ୍ଲାକ ଲିଷ୍ଟେଡ୍ ହେବ? ବୋଲି ଯୋଗାଣ ମନ୍ତ୍ରୀ ଚେତାବନୀ ଦେଇଛନ୍ତି । ପୂର୍ବ ସରକାରରେ ଅଫିସରଙ୍କ ରାଜ ଚାଲିଥିଲା । ସୁବ କ୍ଷେତ୍ରରେ ଅଫିସର ନିଷ୍ପତ୍ତି ନେଉଥିଲେ । ଏବେ ମନ୍ତ୍ରୀଙ୍କ ବୟାନରୁ ଲାଗୁଛି ମଣ୍ଡି ବ୍ୟବସ୍ଥାରେ ସେହି ଅଫିସର ରାଜ ଚାଲିଛି । କିଛି ବି ପରିବର୍ତ୍ତନ ଆସିନି। ଧାନ ଉଠିନପାରିବାରୁ ଚାଷୀ ଭୋଗୁଛନ୍ତି, ହେଲେ ମନ୍ତ୍ରୀ ଓ ସରକାରଙ୍କ କଥାକୁ ଅଫିସର ମାନୁନାହାନ୍ତି, ବରଂ ମୁଣ୍ଡ ନ ପୁରାଇବାକୁ କହୁଛନ୍ତି । ମନ୍ତ୍ରୀଙ୍କ ବୟାନ ପରେ ବର୍ଷିଛନ୍ତି ବିରୋଧୀ। ବିଜେଡି କହିଛି, ମନ୍ତ୍ରୀମାନେ ଏମିତି ସତ କହିବା ଉଚିତ। ଡବଲ ଇଞ୍ଜିନ ସରକାରରେ ଡବର କଟନୀ ଛଟନୀ ହେଉଛି । ସରକାରଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ । ସୂଚନାଯୋଗ୍ୟ ଯେ, ପୂର୍ବ ସରକାର ସମୟରେ ଅଫିସର ରାଜକୁ ଟାର୍ଗେଟ କରୁଥିଲା ବିଜେପି । ଏବେ ମନ୍ତ୍ରୀଙ୍କ ବୟାନ ପରେ ପ୍ରଶ୍ନ ଉଠୁଛି, ଯଦି ଯୋଗାଣ ବିଭାଗରେ ଅଫିସର ରାଜ ଚଳୁଛି, ତାହା ହେଲେ ଅନ୍ୟ ବିଭାଗରେ କଣ ଚାଲିଛି ?

## ପୁଣି ଆରମ୍ଭ ହେବ କୈଳାସ ମାନସରୋବର ଯାତ୍ରା



ନୂଆଦିଲ୍ଲୀ, ୨୭/୧ : ପୁଣିଥରେ କୈଳାସ ମାନସରୋବର ଯାତ୍ରା ଆରମ୍ଭ କରିବାକୁ ଭାରତ ଓ ଚୀନ ରାଜି ହୋଇଛନ୍ତି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭାରତ ଓ ଚୀନ ମଧ୍ୟରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି କୈଳାସ ମାନସରୋବର ଯାତ୍ରା କୁ ବନ୍ଦ କରି ଦିଆଯାଇଥିଲା। ୨୦୨୦ ମସିହାରୁ ଯାତ୍ରାର ଉଭୟ ସରକାରୀ ମାର୍ଗ ଭାରତୀୟଙ୍କ ପାଇଁ ବନ୍ଦ ରହିଛି। ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ କୈଳାସ ମାନସରୋବର ଭଗବାନ ଶିବଙ୍କ ବାସସ୍ଥାନ ଅଟେ । ସେଥିପାଇଁ କୈଳାସ ମାନସରୋବରକୁ ପ୍ରତି ବହୁ ସଂଖ୍ୟକ ଲୋକ ଯାଆନ୍ତି। କେବଳ ହିନ୍ଦୁମାନେ ନୁହନ୍ତି, ବୌଦ୍ଧ ଓ ଜୈନମାନଙ୍କ ପାଇଁ ଏହି ସ୍ଥାନ ପବିତ୍ର ମନେକରାଯାଏ । ଭାରତର ବୈଦେଶିକ ▶▶ପୃଷ୍ଠା ୭

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ଜନରାଜ୍ୟ ଦିବସ ପାଳନ



ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ସିନ୍ଦୂରୀ ଗ୍ରାମରେ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍ ପରିସରରେ ୭୬ତମ ପବିତ୍ର ଜନରାଜ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ନିକଟସ୍ଥ ଐତିହାସିକ ଚାଉଳିଆବର ସ୍ମୃତିସ୍ତମ୍ଭରେ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ କରାଯିବା ସଙ୍ଗେସଙ୍ଗେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ମିଶ୍ରଙ୍କ ପୌରାହିତ୍ୟରେ ଆମ ଦେଶର ତ୍ରିରଙ୍ଗା ଜାତୀୟ ପତାକାକୁ ବିଶିଷ୍ଟ ଐତିହାସିକ ବାଗ୍ମୀ ସର୍ବେଶ୍ୱର ଦାସଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା। ବିଦ୍ୟାଳୟର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ବିଦ୍ୟାଳୟର ଉପସଭାପତି କବି ଶ୍ରୀଦେବ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱର ସର୍ବବୃହତ୍ତ ସମ୍ବିଧାନର ଗୌରବ ଗାନ କରିଥିବାବେଳେ ଜାତୀୟ ଏକତା ଓ ବିବିଧତା ସଂପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥି ଶ୍ରୀ ଦାସଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଉପାଧ୍ୟକ୍ଷ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଶିକ୍ଷକ ଶିକ୍ଷୟିତ୍ରୀ ସନ୍ତୋଷ କୁମାର ପଣ୍ଡା, ରଜତ ଦାସଅଧିକାରୀ, ଏଚ୍.ଏଚ୍. ଶ୍ରୀରାମ, ଅଜୟ କୁମାର ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଘୋଷ, କୀର୍ତ୍ତି ସୁନ୍ଦର ସେନ୍, ଜିତେନ୍ଦ୍ର ବେହେରା, ପ୍ରଣିତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ଗୁଲେ ସମା ସାହିନ୍, ମୋନାଲିସା ପଣ୍ଡା, ନାହିଦ୍ ସୁଲତାନ୍, ଆଫ୍ରିନ୍ କାଦ୍ରୀ, ଭାଗ୍ୟଲକ୍ଷ୍ମୀ ବେହେରା, ଅନ୍ନପୂର୍ଣ୍ଣା ବେହେରା, କବିତା ବେହେରା, ଜୟନ୍ତୀ ଦାସ, ପ୍ରଣୀତା ପାଣିଗ୍ରାହୀ, ବିଦ୍ୟାଳୟର ସମ୍ପାଦିକା ଜୟନ୍ତୀ ଦେବୀ ଏବଂ ଜ୍ଞାନପ୍ରକାଶ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଗଦାଧର ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଜୟପୁର, ୨୭/୧ (ନି.ପ୍ର): ଜୟପୁର ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଗଦାଧର ମହାପାତ୍ରଙ୍କ ପ୍ରତିମୂର୍ତି ପରିସରରେ ସ୍ଥାପନା କରାଯାଇଛି । ପ୍ରତିମୂର୍ତିକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ରିବିବାର ଅପରାହ୍ନ ୧ଟା ସମୟରେ ଉନ୍ମୋଚନ କରିଥିଲେ । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକ,ସ୍ୱାଧିନତା ସଂଗ୍ରାମି ଙ୍କ ପୁଅ ସୁର୍ଯ୍ୟ ନାରାୟଣ ମହାପାତ୍ର, ହେମନ୍ତ ମହାପାତ୍ର, ବିଶମ୍ଭର ମହାପାତ୍ର ସହ ସହ ସହରର ବୁଦ୍ଧିଜୀବି ମାନେ ଉପସ୍ଥିତ ଥିଲେ । ଭାରତର ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ହେଉଛନ୍ତି ସ୍ୱର୍ଗୀୟ ଗଦାଘର ମହାପାତ୍ର । ତାଙ୍କର ଜନ୍ମ କୋରାପୁଟ ଜିଲା ଜୟପୁର ସହରରେ ୧୫ ଜୁଲାଇ ୧୯୨୨ ରେ ହୋଇଥିଲା । ୧୮ ବର୍ଷକ କୋମଳ ବୟସରେ ସେ ବ୍ରିଟସ ଇଣ୍ଡିଆନ ଆର୍ମିରେ ଯୋଗଦାନ କରିଥିଲେ । ବିଶ୍ୱଯୁଦ୍ଧରେ ଅଂଶ ଗ୍ରହଣ କରିଥିଲେ । ଦେଶ ସେବାରେ ଅନୁ ପ୍ରାଣିତ ହୋଇ ଓ ନେତାଜୀଙ୍କ ଡାକରେ ପରବର୍ତି ସମୟରରେ ସିଏ ଆଜା ହିନ ଫୌଜରେ ଯୋଗଦେଇ ବ୍ରିଟଶ ବିରୁଦ୍ଧରେ ଯୁଦ୍ଧ କରିଥିଲେ । ଜାପାନର ଶୋଚନିୟ ପରାଜୟ ପରେ ବ୍ରିଟିସ ମାନେ ସ୍ୱର୍ଗୀୟ ଗଦାଧର ମହାପାତ୍ରଙ୍କୁ ବନ୍ଦି କରିଥିଲେ । ଏ ଅନେକ ଜେଲ ରଙ୍ଗୁନ ସେଂଟ୍ରାଲ ଜେଲ, ଜିଗର ଗଜ ଜେଲ, ସୁଲନ୍ତାନ ଜେଲରେ ତାଙ୍କୁ ମାସ ମାସ ଧରି ରଖାଯାଇଥିଲା । ଦେଶର ସ୍ୱାଧିନତା ପରେ ସିଏ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ସରକାରି ଉଚ୍ଚ ବିଦ୍ୟାଳୟ ଜୟପୁରରେ ପିଇଟି ଶିକ୍ଷକ ଭାବେ କାର୍ଯ୍ୟ କରିଥଲେ । ୭ ସେପ୍ଟମ୍ବର ୨୦୦୧ରେ ତାଙ୍କର ଜୟପୁର ସ୍ଥିତ ବାସଭବନରେ ସ୍ୱର୍ଗବାସ ହୋଇଥିଲା ।

# ଦୁଇ ସାଙ୍ଗଠନିକ ଜିଲ୍ଲା ପାଇଁ ବିଜେପିର ଜିଲ୍ଲା ସଭାପତି ଘୋଷିତ



ବାରିପଦା, ୨୭/୧ (ନି.ପ୍ର): ବିଜେପି ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି ଭାବେ ନିହାର ମୋଦିଙ୍କ ନାମ ସହ ଆଠ ଜଣ ରାଜ୍ୟ ପରିଷଦ ସଦସ୍ୟ ଙ୍କ ନାମ ଘୋଷଣା କରାଯାଇଛି। ସାରସକଣାରେ ଜନ୍ମିତ ନିହାର୧୯୯୨ ମସିହାର ଜାନୁଆରୀ ୧ରେ ବିଜେପିରେ ଯୋଗ ଦେଇଥିଲେ। ପ୍ରଥମେ ଉଦଳାରେ ସେ ୧୯୯୨ ମସିହାରେ କାଉନସିଲର ଭାବେ କାର୍ଯ୍ୟ କରୁଥିଲେ। ଏହାପରେ ଜିଲ୍ଲା ଯୁବ ମୋର୍ଚ୍ଚାରେ ରହିବାପରେ ଜିଲ୍ଲା ସମ୍ପାଦକ, ପରେ ୨୦୧୦ ରୁ ୨୦୧୪ ପର୍ଯ୍ୟନ୍ତ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଏହା ପରେ ରାଜ୍ୟ କାର୍ଯ୍ୟକାରିଣୀ ସଦଶ୍ୟ ଭାବେ ମଧ ଦାୟିତ୍ୱ ଗ୍ରହଣ କରିଥଲେ। ୨୦୧୯ ଏବଂ ୨୦୨୪ ନିର୍ବାଚନରେ ବାରିପଦା ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ। ପରେ ପରେ ବାଲେଶ୍ୱର ଜିଲ୍ଲାର ଡିଆରଓ ମଧ ରହିଥିଲେ। ଶ୍ରୀ ମୋଦୀ ପୁଣି ଆଜି ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ କାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଥିବାରୁ ଦଳର କର୍ମକର୍ତ୍ତା ଏବଂ କର୍ମୀ ମହଲରେ ଉତ୍ସାହ ଦେଖା ଯାଇଛି। ଆଜି ବାରିପଦା ଠାରେ ତାଙ୍କୁ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଙ୍କ ସହିତ ଜିଲ୍ଲା ର ସାଂସଦ, ବିଧାୟକ ପୂର୍ବତନ ଜିଲ୍ଲା ସଭାପତି ଏବଂ ବରିଷ୍ଠ ନେତା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ମୟୂରଭଞ୍ଜ ପଶ୍ଚିମ ସାଙ୍ଗଠନିକ ଜିଲ୍ଲା ପାଇଁ ମଧ ଜିଲ୍ଲା ସଭାପତି ଚୟନ କରାଯାଇଛି। ଜୁରିଲାଲ ମହାନ୍ତଙ୍କ ନାମ ଆଜି ମୟୂରଭଞ୍ଜ ସାଂସଦଙ୍କ ଉପସ୍ଥିତରେ ରାଇରଙ୍ଗପୁର ଠାରେ ଘୋଷଣା କରାଯାଇଛି। ଜୁରିଲାଲ ଦୀର୍ଘ ଦିନ ହେଲା ବିଜେପି ସହିତ ଯୋଡ଼ିତ ହେଇ ତୃଣମୂଳ ସ୍ତରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କୁ ମଧ ଦଳ ପକ୍ଷରୁ ବରିଷ୍ଠ ନେତା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ପାରାଦୀପ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ




ପାରାଦୀପ, ୨୭/୧ (ନି.ପ୍ର): ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟାଳୟ ପରିସରରେ ୭୬ ତମ ସାଧାରତନ୍ତ୍ର ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଜେ ଏସ ଡ ବ୍ଲୁ ଗ୍ରୁପର ବରିଷ୍ଠ ଅଧିକାରୀ ଗିରିରାଜ ସିଂ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ସ୍ୱାଧୀନତା ପାଇଁ ତ୍ୟାଗ ଓ ବଳିଦାନ ଦେଇଥିବା ସେହି ମହାନ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ପ୍ରଣାମ ଜଣାଇଥିଲେ। ଭାରତ ବର୍ଷର ଐତିହ୍ୟ, ତଥା ବିଭିନ୍ନ ଦିଗରେ ଏହାର ଉତ୍କର୍ଷତା ଆଜି ଅନେକ ସଫଳତା ଆଣି ପାରିଛି। ଏଥି ସହିତ ଜେ ଏସ ଡ ବ୍ଲୁ କମ୍ପାନୀର ଆଭିମୁଖ୍ୟ ଓ ଏହାର ଅଭିବୃଦ୍ଧି ସମ୍ପର୍କରେ ଅବଗତ କରାଇଥିଲେ।ଏହି ଅବସରରେ କମ୍ପାନୀର ସୁରକ୍ଷା ବିଭାଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁରକ୍ଷାକର୍ମୀ ଓ ପ୍ରକଳ୍ପ ଅଞ୍ଚଳରେ କାର୍ଯ୍ୟ କରୁଥିବା କ୍ଷେତ୍ର କର୍ମଚାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସୁରକ୍ଷା କର୍ମଚାରୀ ମାନଙ୍କ ପକ୍ଷରୁ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ସମସ୍ତ ଅଧିକାରୀ,କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ



ବାଲିଆପାଳ , ୨୭/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ କାଳିଝାଟି ପଡିଆ ରେ ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ୍ ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି, ଲଙ୍ଗଳେଶ୍ୱର ପ୍ରେସକ୍ଲବ ର ସାମ୍ବାଦିକ ସୁବଳ ଚନ୍ଦ୍ର ଦାସଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାଶିନୀ ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଏକ ସମୃଦ୍ଧ ରାଷ୍ଟ୍ର ଓ ସୁସ୍ଥ ସମାଜର ପରିକଳ୍ପନା କରିବା ଦିଗରେ ଛାତ୍ର ଛାତ୍ରୀ ମାନଙ୍କ ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ, ସମ୍ମାନିତ ଅତିଥି ଭାବରେ ବାଲିଆପାଳ ଥାନାଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଂ, ସେଇଠୁ ଆରମ୍ଭ ଖବର କାଗଜ ର ସମ୍ପାଦକ ଶୁଭେନ୍ଦୁ ଦାସ , ମିଡ଼ିଆ ଫୋରମ ର ସଭାପତି ପ୍ରତାପ ପାତ୍ର, ଗୋବିନ୍ଦ ଦାସ,ପ୍ରମୁଖ ଯୋଗଦେଇ ଥିଲେ, ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଏବଂ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ୟାରେଡ ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠାଲାଭ କରିଥିବା ବ୍ୟକ୍ତିବିଶେଷ ମାନଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରା ଯିବା ସହ ପ୍ରତିଯୋଗୀତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରା ଯାଇଥିଲା, ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ୍ ର ସମ୍ପାଦକ କମଳାକାନ୍ତ ଦାସ ରାଧାଗୋବିନ୍ଦ ଦାସ ସହିତ ସମସ୍ତ ସଦସ୍ୟ ମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାରାଦ୍ୱୀପ ୟୁନିଟ ଟ୍ରଷ୍ଟ ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ



ପାରାଦ୍ୱୀପ , ୨୭/୧ (ନି.ପ୍ର): ପାରାଦ୍ୱୀପ ୟୁନିଟ ଟ୍ରଷ୍ଟ ପକ୍ଷରୁ ମଧୁବନ ସ୍ଥିତ କବରଖାନା ମାର୍କେଟ ନିକଟରେ ଗଣତନ୍ତ୍ର ଦିବସର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୁବ ନେତା ତଥା ସମାଜ ସେବୀ ଦୀପ୍ତି ରଞ୍ଜନ ସ୍ୱାଇଁ ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନମନ କରଥିଲେ। ଭାରତର ବିକାଶରେ ଦେଶକୁ ଆଗେଇ ନେଉଥିବା ପ୍ରତେକ ଦେଶ ବାସୀଙ୍କୁ ପ୍ରଣାମ କରିଥିଲେ । ଶେଷରେ ସ୍ଥାନୀୟ ଅଂଚଳର ଛୋଟ ଛୋଟ ପିଲା ମାନଙ୍କୁ ଯୁବ ନେତା ତଥା ସମାଜ ସେବୀ ଦୀପ୍ତି ରଞ୍ଜନ ସ୍ୱାଇଁ ପାଠ୍ୟ ଉପକ୍ରମ ପ୍ରଦାନ କରିଥିଲେ । ବହୁ ସଂଖ୍ୟାରେ ସ୍ଥାନୀୟ ଅଂଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଉପସ୍ଥିତ ଥଲେ । ଟ୍ରଷ୍ଟ ପକ୍ଷରୁ ମଳୟ ସ୍ୱାଇଁ, ସପନୀ ସ୍ୱାଇଁ ଓ ସୂର୍ଯ୍ୟ ବଳିୟାର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୋଗ କର୍ମଶାଳା ଉଦ୍‌ଘାଟିତ




ବାଲେଶ୍ୱର, ୨୭/୧ (ନି.ପ୍ର): ଆଜିର ଯୁବ ସମାଜ ମନରେ ଏକ ସକାରାତ୍ମକ ମନୋଭାବ ସୃଷ୍ଟିକରି ସେମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ତଥା ଶିକ୍ଷକ ଅଭିଭାବକମାନଙ୍କର ଯୋଗ ପ୍ରତି ସଦ୍‌ଭାବନା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବ ବ୍ଲକ୍‌ଠାରେ ଏକ ଯୋଗ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟିତ ହୋଇଯାଇଛି। ଆଜିର ପବିତ୍ର ଗଣତନ୍ତ୍ର ଦିବସର ବ୍ରାହ୍ମମୁହୂର୍ତ୍ତରେ ଯୋଗ ଧାନ ସହିତ ହୋଲିଷ୍ଟିକ୍ ହିଲିଙ୍ଗ୍ ଯୋଗ କେନ୍ଦ୍ର ତରଫରୁ ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ପ୍ରଫେସର ଶ୍ରୀମତୀ ଜୟସ୍ମିତା ନାୟକ ପରିଚାଳନା କରିଥିଲେ। ଯୋଗଗୁରୁ ସୁଜିତ୍ କୁମାର ଜେନାଙ୍କ ପ୍ରେରଣାରେ ମହାବିଦ୍ୟାଳୟର ଶିକ୍ଷକ, ଛାତ୍ର ତଥା ଅଭିଭାବକମାନେ ଯୋଗ ଶିକ୍ଷା କରିଥିଲେ। ଅଧ୍ୟକ୍ଷ ତାଙ୍କର ଅଭିଭାଷଣରେ ନୂତନ ଶିକ୍ଷାନୀତି ପଦ୍ଧତିରେ ଯୋଗକୁ ଏକ ବିଷୟ ରୂପେ ରଖାଯାଇଥିବାର ସୁଖବର ମଧ ଜଣାଇଥିଲେ। ବୈଜ୍ଞାନିକ ପଦ୍ଧତିରେ ଯୋଗକୁ ସମସ୍ତେ ଅଭ୍ୟାସ କଲେ ତାହା ଯେ ନିଶ୍ଚୟ ସୁସ୍ଥ ସମାଜ ଗଠନରେ ସହାୟକ ହେବ ଏଥିରେ ଦ୍ୱିମତ ନାହିଁ ବୋଲି କହିଥିଲେ। ଉପସଭାପତି ଶ୍ରୀମତୀ ରୀତା ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଭୋଇ, ସୁଜାତା ପଣ୍ଡା, ବିଶ୍ୱନାଥ ସିଂ, ଅମରେନ୍ଦ୍ର ଦାସ, ଜ୍ୟୋତ୍ସ୍ନା ଜେନା, ସୂର୍ଯ୍ୟ ପୋଥାଳ, ଅକ୍ଷୟ କର, ବିଜୟଲକ୍ଷ୍ମୀ ଜେନା, ସୁଶ୍ରୀ ସଙ୍ଗିତା ଦାସ, ରୀତା ସାହୁ, ଜୟନ୍ତୀ ନାୟକ, ମମତା ମହାପାତ୍ର, କବିତା ସାମଲ, ତମନ୍ନା ସାମଲ, ପ୍ରଦୀପ ସେନାପତି, ଅମ୍ବିକା ଗିରି, ଦମୟନ୍ତୀ ମହାପାତ୍ର, ବ୍ୟାସଦେବ ରାଉତ, ବୀଣାପାଣି ନାୟକ, ତୃପ୍ତି ପୋଥାଳ, ଶଶିକାନ୍ତ ମହାନ୍ତି, ନିରଞ୍ଜନ ଜେନା, ଶାନ୍ତି ଜେନା, ଝାନ୍‌ସୀ ଦଳାଇ, କାମିନୀକାନ୍ତ ପାଢ଼ୀ, ପ୍ରକାଶ ସରାଓ୍ୱଗୀ, ମାୟା ସରାଓ୍ୱଗୀ, ମଧୁସୂଦନ ନାୟକ, ସ୍ନେହଲତା ଦାଶପତି, ହରିପ୍ରିୟା ରଣା ପ୍ରଭୃତି ଉପସ୍ଥିତ ହୋଇ ପରିଚାଳନାରେ ସହଯୋଗ କରିଥିଲେ। ଅର୍ଚ୍ଚନା କର, ପ୍ରୀତି ସିଂ, ଶର୍ମିଳା ସାମନ୍ତରାୟ, ଜ୍ୟୋତ୍ସ୍ନା ରାୟ, ସୁଜାତା ପଣ୍ଡା ଓ ନିବେଦିତା ନାୟକ ଦେଶାତ୍ମବୋଧକ ସଙ୍ଗୀତ ଗାଇଥିଲେ। ଶେଷରେ ସମସ୍ତେ ମହାବିଦ୍ୟାଳୟର ଛାତ୍ର, ଶିକ୍ଷକମାନଙ୍କ ସହିତ ଜାତୀୟ ପତାକା ଉତ୍ତୋଳନରେ ଅଂଶଗ୍ରହଣ କରିଥିଲେ।

# ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତିଗଲେ ୧୦ ଶ୍ରମିକ ଓ ତାଙ୍କ ପରିବାର



ବସ୍ତା , ୨୭/୧ (ନି.ପ୍ର): ସିଂଲା ଥାନା ରଘୁନାଥପୁର ପଞ୍ଚାୟତ ଆମ୍ବକୁତୁଚି ଗ୍ରାମରେ ବେଆଇନ ନାଳୀ ଇଟା ଭାଟି ପରିସରରେ ଅଗ୍ନିକାଣ୍ଡ । ହୁତୁ ହୁତୁ ହୋଇ ଜଳିଗଲା ଚାଳଛପର ନଡ଼ା କୁଟା ଘର, ଅଳ୍ପକେ ବର୍ତ୍ତିଗଲେ ୧୦ ପରିବାରର କୋଡ଼ିଏ ଶ୍ରମିକ ଓ ତାଙ୍କର ଛୋଟ ପିଲା। ପ୍ରାପ୍ତ ସୂଚନା ମୁତାବକ ଗତ କାଲି ରାତ୍ରି ପ୍ରାୟ ନଅଟା ବେଳେ ଆମ୍ବକୁତୁଚି ସ୍ଥିତ ଟାଟା ଇଟା ଭାଟି ପରିସରରେ ଶ୍ରମିକ ମାନେ ତାଙ୍କ ପିଲା ଛୁଆ ଙ୍କୁ ଧରି ସୋଇଥିବା ବେଳେ କୌଣସି କାରଣ ବସତ୍ ଚାଳଛପର ନଡ଼ା କୁଟା ଘରେ ଅଗ୍ନିକାଣ୍ଡ ଘଟି ଥିଲା। ସୌଭାଗ୍ୟ ବସତ୍ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶ୍ରମିକ ଓ ତାଙ୍କ ପରିବାର ଲୋକେ ଓ ନିକଟରେ ଥିବା ଅନ୍ୟ ଝାଟି ମାଟି ଘରେ ଶ୍ରମିକ। ଖବର ପାଇ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ନିଆଁ କୁ ଆୟତ କରିବାକୁ ଚାହିଁ ଥିଲେବି ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିଲା। ସମସ୍ତ ଲୁଗାପଟା, ଆସବାପତ୍ର ସହିତ ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ରାସନ କାର୍ଡ, ପୋଲିଓ କାର୍ଡ ,ବ୍ୟାଙ୍କ୍ ପାସ ବୁକ ଭଳି ଜରୁରୀ କାଗଜ ପତ୍ର ପୋଡି ପାଉଁଶ ହୋଇ ଯାଇଛି । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ରୋସେଇ ସରଞ୍ଜାମ, ବାସନ କୁସନ୍ ଇତ୍ୟାଦି ଅତ୍ୟାଧିକ ଗରମରେ ବଙ୍କା ଓ ଚେପା ହୋଇଯାଇଛି। ରାତି ତମାମ ଶୀତ ରାତ୍ରୀରେ ଛୋଟ ପିଲାଙ୍କୁ ଧରି ଖୋଲା ଆକାଶ ତଳେ ରାତି କଟାଇଛନ୍ତି ଶ୍ରମିକ। ସରକାର ଓ ପ୍ରଶାସନ ର ନାକନିଶ ତଳେ ଖୋଲମ୍ ଖୋଲା ମାଳ ମାଳ ବେଆଇନ ନାଲି ଇଟାଭାଟି ଚାଲୁଥିଲେ ବି କାର୍ଯ୍ୟନୁଷ୍ଠାନ ଶୁନ କାହିଁକି। ଶ୍ରମିକ ଙ୍କ ସ୍ୱାର୍ଥ ପାଇଁ ଶ୍ରମ ବିଭାଗ, ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ, ଜିଲ୍ଲା ପ୍ରଶାଶନ, ଏମିତି କି ଖୋଦ ଜିଲ୍ଲାପାଳ କାହିଁକି ଚୁପ୍ ଓ ନୀରବ ଦ୍ରଷ୍ଟା ସାଜିଛନ୍ତି। କିଛି ବଡ ଧରଣର ଅଘଟଣ ଘଟିଥିଲେ କିଏ ଦାୟୀ ରହିଥାନ୍ତି। ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ। ଏନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଙ୍କ ପ୍ରତିକ୍ରିୟା ନେବାରୁ ସେ କହିଚନ୍ତି କି ଘଟଣାର ତଦନ୍ତ କରାଯାଇ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବ୍ରହ୍ମବରଦା ଅଂଚଳରେ ସାଧାରଣତନ୍ତ୍ର ଦିବସ ପାଳିତ

ଧର୍ମଶାଳା, ୨୭/୧ (ନି.ପ୍ର): ପବିତ୍ର ସାଧାରଣତନ୍ତ୍ର ଦିବସ ପୁରପଲ୍ଲୀରେ ଧୂମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ଯାଜପୁର ଜିଲା ଅବିଭକ୍ତ ବ୍ରହ୍ମବରଦାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ କଲେଜ,ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ ପତାକା ଉତୋଳନ କରାଯିବା ପରେ ଜାତୀୟ ସଂଗୀତ ଗାନ ସହ ଦେଶ ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଗୁଣଗାନ କରାଯାଇଥିଲା । ଛାତ୍ରଛାତ୍ରୀ ମାନଙ୍କ ହାତରେ ଜାତୀୟ ପତାକା ଧରି ବିଭିନ୍ନ ଅଂଚଳ ପରିକ୍ରମା କରିଥିଲେ । ଜାତୀୟ ସଂଗୀତ ଗାନ ସହ ଦେଶାତ୍ମକ ସଂଗୀତକୁ ନାଚ ମାଧ୍ୟମରେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା ।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ



ନଛିପୁର , ୨୭/୧ (ନି.ପ୍ର): ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ନଛିପୁର ପୋଡ଼ାଡିହା ଆନୁକୂଲ୍ୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି । ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ପ୍ରଭାତ ଫେରି କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ରଘୁନାଥ ସିଂ ପତାକା ଉତ୍ତୋଳନ କରିଥିଲେ । ଅଜିତ କୁମାର ବେହେରା, ବିଶ୍ୱେଶ୍ୱର ବେହେରା, ସୁଧାଂଶୁ ଖଣ୍ଡାପାତ୍ର, ପ୍ରଧାନ ଆଚାର୍ଯ୍ୟ ଯୋଗେଶ୍ୱର ସାହୁ ପିଲାଙ୍କୁ ସାଧାରଣତନ୍ତ୍ର ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟରେ ନୃତ୍ୟ, ସଂଗୀତ, ଗୀତ ଶ୍ଳୋକ ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏହି କାର୍ଯ୍ୟକୁ ସୁପରିଚାଳନାରେ ଗୁରୁଜୀ ଅଭିମନ୍ୟୁ ନାଏକ, ଗୁରୁମା ଲିପିକା ସାହୁ, ପୁଷ୍ପାଞ୍ଜଳି ଦାସବାବୁ, ଗାୟତ୍ରୀ ବେହେରା ସହଯୋଗ କରିଥିଲେ ।

# ବିଏସ୍‌ପିର ସାଧାରଣତନ୍ତ୍ର ଦିବସ ପାଳିତ

ବାଲେଶ୍ୱର, ୨୭/୧ (ନି.ପ୍ର): ବହୁଜନ ସମାଜପାର୍ଟି ତରଫରୁ ଆଜି ରେମୁଣା ନିର୍ବାଚନ ମଣ୍ଡଳୀର କରଞ୍ଜିଆ ଗ୍ରାମଠାରେ ଏହାର ବରିଷ୍ଠ ନେତା ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ 'ସାଧାରଣତନ୍ତ୍ର ଦିବସ' ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଆମ୍ବେଦକରବାଦୀ ଅନନ୍ତ କୁମାର ମାଝୀ ଜାତୀୟ ପତାକା ଉତ୍ତୋଳନ କରି କହିଥିଲେ, "ସ୍ୱାଧୀନତା ପୂର୍ବରୁ ମନୁସ୍ମୃତି ଅନୁସାରେ ଦେଶ ଶାସିତ ହେଉଥିଲା। ସ୍ୱାଧୀନତା ପରେ ସମ୍ବିଧାନ ଅନୁସାରେ ଦେଶ ଶାସିତ ହେଉଛି। ସାମାଜିକ ନ୍ୟାୟର ଅଗ୍ରଦୂତ ବାବା ସାହେବ ଡ. ଆମ୍ବେଦକରଙ୍କ ଲିଖିତ ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁପରିଚାଳନା ପାଇଁ ୧୯୫୦ ମସିହାଠୁଁ ପ୍ରତିବର୍ଷ ଜାନୁଆରି ଛବିଶକୁ ଦେଶବାସୀ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରିଆସୁଛନ୍ତି। ସମ୍ବିଧାନ ଆସିଲା ଏବଂ ଭାରତରେଏକ ନୂତନ ଯୁଗର ଅୟମାରମ୍ଭ ହେଲା। ସମ୍ବିଧାନ ଆମକୁ ନାଗରିକତା, ମୌଳିକ ଅଧିକାର, ଭୋଟ ଦେବାର ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଧିକାର ଦେଲା। ଅସ୍ପୃଶ୍ୟତା ଏକ ଅପରାଧରେ ପରିଣତ ହେଲା। ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ନ୍ୟାୟାଳୟର ଗଠନ ହେଲା। ରାଜନୀତି, ଉଚ୍ଚଶିକ୍ଷା ଏବଂ ସରକାରୀ ଚାକିରିରେ ସଂରକ୍ଷଣର ବ୍ୟବସ୍ଥା କରାଗଲା।ସଂଖ୍ୟାଧିକଙ୍କୁ ପାଠ ପଢ଼ିବାର ଅଧିକାର ମିଳିବା ସଙ୍ଗେସଙ୍ଗେ ଅର୍ଥକାରୀ ଫସଲ ଲଗାଇବାର ଅଧିକାର ମିଳିଲା। ସମ୍ବିଧାନ ଆମକୁ ଏହିସବୁ ଅଧିକାର ଦେଇଥିବାରୁ ସ୍ୱାଧୀନ ଭାରତ ପାଇଁ ଏହି ସମ୍ବିଧାନ ଓ ଏହାର ସୁରକ୍ଷା ଆମର କାମ୍ୟ।" ଏହି ଉପଲକ୍ଷେ ଏକ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବି.ଏସ୍.ପି ଜିଲ୍ଲା ସଭାପତି ଡାକ୍ତର ମନୋଜ କିଶୋର ମାଝୀଙ୍କ ସହିତ ସାଧୁଚରଣ ମଲ୍ଲିକ୍, ଗଗନ ପାତ୍ର, ନିରଞ୍ଜନ ମହାଳିକ, ମନୋରଞ୍ଜନ ମହାଳିକ, ମିନତୀ ଜେନା, କୁଞ୍ଜଲତା ଜେନା, ଆରତୀ ମାଝୀ, ପ୍ରହ୍ଲାଦ ଦାସ, ଭୋଳାନାଥ ବେହେରା ଉପସ୍ଥିତ ଥିଲେ।

## ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରକ୍ତଦାନ ଶିବିର

ଭବାନୀପାଟଣା, ୨୭/୧ (ନି.ପ୍ର): ଗତକାଲି ୭୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ଭବନ ଠାରେ ଜିଲ୍ଲା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କଳାହାଣ୍ଡି ଶାଖା, ଶ୍ରୀ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର କମିଟି ପୁରୁଣାପଡା, ଭବାନୀପାଟଣା ଆଞ୍ଚଳିକ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମିଳିତ ପ୍ରତ୍ୟେକ୍ଷ ସହଯୋଗରେ ୭୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଭବାନୀପାଟଣା ସରକାରୀ ଯାନ୍ତ୍ରୀକ ମହାବିଦ୍ୟାଳୟ, କଳାହାଣ୍ଡି ଶିଳ୍ପ ତାଲିମ କେନ୍ଦ୍ର, ଧର୍ମଗଡ, ଜୁନାଗଡ, ଭବାନୀପାଟଣା ବିଧାୟକଙ୍କ ସହଯୋଗ ସମେତ ଭବାନୀପାଟନାର ବିଭିନ୍ନ ସ୍ୱେଚ୍ଛାସେବି ଗଣ ଅତି ଆନନ୍ଦ ସହକାରେ ରକ୍ତଦାନ କରିଥିଲେ।

## ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ଇଫକୋ ପାରଦୀପ ୟୁନିଟ୍ ପକ୍ଷରୁ ଏହାର ଟାଉନ୍ସିପି ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ୟୁନିଟ୍ ହେଡ୍ ପିକେ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ମୁଖ୍ୟ ଶ୍ରୀ ମହାପାତ୍ର ଦେଶର ନାଗରିକମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଦେଶର ବିକାଶରେ ଇଫକୋର ଅତୁଳନୀୟ ଅବଦାନ ରହିଥିବା ନେଇ ସେ ସୁଚନା ଦେଇଥିଲେ । ଇଫକୋର ନାନେ ୟୁରିଆ ଓ ନାନେ ଡିଏପି ଦେଶର କୃଷକଙ୍କ ପାଇଁ ଉପଯୋଗି ହୋଇପାରିଛି ଏଥି ପାଇଁ ଇଫକୋ ପରିବାର ସମେତ ଦେଶର କୃଷକ ପରିବାରଙ୍କୁ ସେ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଏସଆଇଏସ ସିକ୍ୟୁରିଟି ସଂସ୍ଥା ଓ ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ମୁଖ୍ୟଅତିଥି ଶ୍ରୀ ମହାପାତ୍ରଙ୍କୁ ଅଭିବାଦନ ଜଣାଇଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜ୍ୟୋତି ଲେଡିଜ୍ କ୍ଲବ୍ ଓ ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ସାଂସ୍କୃତିକ



କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଇଫକୋ ଅଧିକାରୀ ସଂଘ, ଇଫକୋ କର୍ମଚାରୀ ସଂଘର କର୍ମକାମାନେ ବହୁ ସଂଖ୍ୟାରେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ପ୍ରବନ୍ଧକ କେ.ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ଉପଖଣ୍ଡସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

ନୀଳଗିରି, ୨୭/୧ (ନି.ପ୍ର): ନୀଳଗିରି ଥାନା ପଡିଆ ଠାରେ ଉପଖଣ୍ଡ ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଦିବସପାଳନ ଅବସରରେ ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟୁଷ ଘ୪.୩୦ମି ସମୟରେ ସହରାଂଚଳରେ ଡାକ ବାଜିଯନ୍ତ୍ର ଯୋଗେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ୬.୩୦ ସମୟରେ ଏକ ଗଣଦୌଡ ଜଗନ୍ନାଥ ମନ୍ଦିରରୁ ବାହାରି ଥାନାପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରେ ୮ଟା ୩୦ ସମୟରେ ପ୍ରଶାସନ ପକ୍ଷରୁ ନୀଳଗିରି ଥାନାପଡିଆ ଠାରେ ଆୟୋଜିତ ଉପଖଣ୍ଡ ସ୍ତରୀୟ ଜନରାଜ୍ୟ ଦିବସ ପାଳନ ଉତ୍ସବରେ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନୁଷ୍ଠାନିକ ପତାକା ଉତୋଳନ ସହ ସାଧାରଣତନ୍ତ୍ର ଦିବସ ପାଳନ



ସଂପର୍କରେ ଭାଷଣ ରଖିଥଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୀଳଗିରିର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରୁ ଆସିଥିବା ୪୨ଟି ଟ୍ରୁପର ଛାତ୍ରଛାତ୍ରୀ ମାନେ ସାଧାରଣତନ୍ତ୍ର ଦିବସ ପାଳନରେ ଅଂଶଗ୍ରହଣ କରିଥିଲେ। ଏହି ଜାତୀୟଦିବସ ପାଳନ ଉପଲକ୍ଷେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା - ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଂଗୀତ ଆୟୋଜିତ ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରଥିଲେ। ଅନ୍ୟତମ ବିଶିଷ୍ଟଅତିଥି ଉପଖଣ୍ଡ ଥାନାଅଧିକାରୀ ସରୋଜ କୁମାର ଉପାଧ୍ୟାୟ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ଜଣାଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ସ୍ଥାନୀୟବିଧାୟକ ସନ୍ତୋଷ ଖଟୁଆ, ତହସିଲଦାର ସୋନମ ଦାସ, ବିଡ଼ିଓ ବିକ୍ରମ କେଶରୀ ପରିଡା, ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଗ୍ରଣୀ କୃଷକ ଭାବେ ସନାତନ ମହାନ୍ତିଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସୁଚନା ଓ ଲୋକ ସଂପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସଂଯୋଜନା କରିଥିଲେ।

## ରାଜ୍ୟ ସଭାପତି ନିର୍ବାଚନ ପାଇଁ କେନ୍ଦ୍ରର ନୋଟିଫିକେସନକୁ ଅପେକ୍ଷା: ବିଜେପି

ଭୁବନେଶ୍ୱର, ୨୭/୧ (ନି.ପ୍ର): ବିଜେପିର ନିୟମ ଅନୁସାରେ ଅଧାରୁ ଅଧିକ ଜିଲ୍ଲା ସଭାପତି ନିର୍ବାଚନ ପରେ ରାଜ୍ୟ ସଭାପତି ନିର୍ବାଚନ ହୋଇଥାଏ । ଏହାକୁ ଦେଖିଲେ ଆମର ୩୭ ଟି ସାଙ୍ଗଠନିକ ଜିଲ୍ଲା, ଏଥିମଧ୍ୟରୁ ୨୩ ଟି ଜିଲ୍ଲାର ନିର୍ବାଚନ ଶେଷ ହୋଇଛି। ବାକି ରହିଥିବା ୧୪ ଟି ଜିଲ୍ଲାର ନିର୍ବାଚନ ବହୁତ ଶୀଘ୍ର ଶେଷ ହେବ । ବର୍ତ୍ତମାନ କେନ୍ଦ୍ରର କାର୍ଯ୍ୟ ରାଜ୍ୟ ସଭାପତି ପାଇଁ କେବେ ନୋଟିଫିକେସନ କରିବେ ଏବଂ ରାଜ୍ୟ ନିର୍ବାଚନ ପାଇଁ ନିୟୋଜିତ ସଞ୍ଜୟ ଜୈଶ୍ୱାଲ ଓଡିଶା ଆସିବେ । ସମସ୍ତଙ୍କ ସହିତ ଆଲୋଚନା କରି ରାଜ୍ୟ ସଭାପତି ନିର୍ବାଚନ ମଧ ଶେଷ କରିବେ । ଶୃଙ୍ଖଳାର ସହିତ ଆମର ଜିଲ୍ଲା ସଭାପତି ନିର୍ବାଚନ ଶେଷ ହୋଇଛି।

## ଶ୍ୟାମସୁନ୍ଦର ସାସମଲଙ୍କ ସ୍ମୃତିରେ ଆୟୋଜିତ ରକ୍ତଦାନ ଶିବିରରୁ ୫୮ ୟୁନିଟ୍ ରକ୍ତ ସଂଗୃହୀତ



ବସ୍ତା, ୨୭/୧ (ନି.ପ୍ର): ବସ୍ତା ବ୍ଲକ୍ ପୁଟୁରା ପଞ୍ଚାୟତ କମାର ଗଡ଼ିଆ ସ୍ଥିତ ସରକାରୀ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଶ୍ୟାମସୁନ୍ଦର ସାସମଲଙ୍କ ସ୍ମୃତିରେ ସ୍ଥାନୀୟ ଷ୍ଟାର କ୍ଲବ, କମାରଗଡ଼ିଆ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭଗୀରଥ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥିଭାବେ ସମାସେବୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନା ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ପିଞ୍ଚାବଣିଆ ବୈଦିକ ଗୁରୁକୁଳ ଆଶ୍ରମର ସଞ୍ଚାଳକ ବିଜୟଜି, ବରେଣ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ଜିଲ୍ଲା ରକ୍ତଦାତା ସଂଘର ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା, ଆଶାଲତା ସାସମଲ , ଗ୍ରାମ ମୁଖ୍ୟ ହରିହର ବେହେରା, ଗୌରାଙ୍ଗ ଖମାରି, ଷ୍ଟାର କ୍ଲବର ସଭାପତି ପ୍ରସନ୍ନ ସାମନ୍ତ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀଙ୍କ ସହଯୋଗରେ ଶିବିରରୁ ମୋଟ ୫୮ ୟୁନିଟ୍ ରକ୍ତ ସଂଗୃହିତ ହୋଇ ଥିଲା । ଉକ୍ତ କାର୍ଯ୍ୟକ୍ରମରେ ଷ୍ଟାର କ୍ଲବର ସମସ୍ତ ସଦସ୍ୟ, ସାସମଲ ପରିବାର ବର୍ଗ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରି ଶିବିରକୁ ସଫଳ କରାଇଥିଲେ ।

## କାଶ୍ମୀରରେ ପ୍ରବଳ ଶୀତଲହର ପ୍ରଭାବ ଜାରି

ଶ୍ରୀନଗର, ୨୭/୧: ସୋମବାର ଦିନ ମଧ କାଶ୍ମୀରରେ ପ୍ରବଳ ଶୀତଲହର ପ୍ରଭାବ ଜାରି ରହିଛି ଏବଂ ଏଠାରେ ନ୍ୟୁନତମ ତାପମାତ୍ରା ଶୁନ୍ୟରୁ ଅନେକ ଡିଗ୍ରୀ ତଳକୁ ଖସିଆସିଥିବାବେଳେ ଜାମ୍ମୁ ଡିଭିଜନର ସମତଳ ଅଂଚଳରେ ଦିନରେ ପାଗ ମନୋରମ ରହିଛି। ଏହି ସମୟରେ ଶ୍ରୀନଗର ସହରରେ ସର୍ବନିମ୍ନ ତାପମାତ୍ରା ଶୁନ୍ୟରୁ ତଳକୁ ୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଗୁଲମର୍ଗରେ ଶୁନ୍ୟରୁ ତଳକୁ ୫.୨ ଡିଗ୍ରୀ ଏବଂ ପହଲଗାମରେଶୁନ୍ୟରୁ ତଳକୁ ୬.୪ ଡିଗ୍ରୀ ରେକର୍ଡ କରାଯାଇଥିଲା। ଅପରପକ୍ଷରେ ଜାମ୍ମୁ ସହରରେ ପାଗ ମନୋରମ ରହିଛି ଯେଉଁଠାରେ ସର୍ବନିମ୍ନ ତାପମାତ୍ରା ୫.୮ ଡିଗ୍ରୀ ରହିଥିଲା,ମାତା ବୈଷ୍ଣୋ ଦେବୀ ମନ୍ଦିରର ବସ କ୍ୟାମ୍ପ ଶହର କଟରାରେ ୮.୨ ଡିଗ୍ରୀ ,ବଟୋତରେ ୪.୭ ଡିଗ୍ରୀ, ବନିହାଲରେ ୧.୫ ଡିଗ୍ରୀ ଏବଂ ଭଦ୍ରୱାହରେ ୧.୪ଡିଗ୍ରୀ ରହିଥିଲା। ଏହାରି ମଧ୍ୟରେ ଶ୍ରୀନଗର ସହର ଏବଂ ଘାଟୀର ଅନ୍ୟାନ୍ୟ ସହରରେ ପାଣି ପାଇପ ଫ୍ରିଜ ହୋଇଯାଇଥିଲା ଏବଂ ଲୋକମାନେ ଏହି ପାଇପକୁ ଗରମ କରିବା ପାଇଁ ଏହାର ଚାରିପାଖରେ ଛୋଟ ନିଆଁ ଜଳୁଥିବା ଦେଖାଯାଇଥିଲା। ଶ୍ରୀନଗରରେ ବହୁତ କମ ଲୋକ ବାହାରକୁ ଆସିଥିଲେ ଏବଂ ସକାଳର ଶୀତରୁ ରକ୍ଷା ପାଇବା ପାଇଁ ଘର ଭିତରେ ରହିବାକୁ ପସନ୍ଦ କରିଥିଲେ। ପାଣିପାଗ ବିଭାଗ ୨୮ ଜାନୁଆରୀ ସନ୍ଧ୍ୟାରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ହାଲୁକା ବର୍ଷା ସହ ଆକାଶ ମେଘୁଆ ରହିବାର ପୂର୍ବାନୁମାନ କରିଛି।

## ଜଗାଇ କଲେଜରେ ଜାତୀୟ ସେବା ଶିବିର ଉଦ୍‌ଯାପନୀ ଓ ସାଧାରଣତନ୍ତ୍ର ଦିବସ ପାଳିତ

ବାଲିଆପାଳ ୨୭/୧ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇରେ ୨୦ତାରିଖରୁ ଆରମ୍ଭ ହୋଇଥିବାର ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦଯାପନୀ ଉତ୍ସବ ଓ ସାଧାରଣ ତନ୍ତ୍ର ଦିବସ ଅଧକ୍ଷା ଡ଼ ହରପ୍ରିୟା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜାମକୁଣ୍ଡା ଫାର୍ଣ୍ଣ ଅଧିକାରୀ ସୂର୍ଯ୍ୟନାରାୟଣ ନାୟକ, ମୁଖ୍ୟ ବକ୍ତା ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ପ୍ରଭାତ କୁମାର ଜେନା ଉପସ୍ଥିତ ହୋଇ ଜାତୀୟ ସେବା ଶିବିରର ଉଦ୍ଦେଶ୍ୟ ତଥା ସାଧାରଣ ତନ୍ତ୍ର ଦିବସର ମହତ୍ୱ ସମ୍ବନ୍ଧରେ ବାଣୀ ରଖିଥିଲେ । ଏହି ପରିପ୍ରେକ୍ଷୀରେ ରେଡ ରିବନ କ୍ଲବଓ ଜାତୀୟ ସେବା ଶିବିର




ଆନୁକୂଲ୍ୟରେ ପ୍ୟାରେଡ ମାର୍ଚ୍ଚ ସହ ସୁବର୍ଣରେଖା ମହାବିଦ୍ୟାଳୟରୁ ଏନ. ସି. ସି. ଗ୍ରୁପ, ପାଟରାଣୀ ଉଚ୍ଚ ବିଦ୍ୟାଳୟ, ତାହାଳିଆ, ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଗାଇ ଓ ରାମପ୍ରସାଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଚୌମୁଖ ପକ୍ଷରୁ ସ୍କାଉଟ ଗ୍ରୁପରୁ ୨୦୦ଶହରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗଦେଇ ପ୍ୟାରେଡ ଅଭିବାଦନ, ଫ୍ଲାଗ ମାର୍ଚ୍ଚ ସହ ସ୍ୱତନ୍ତ୍ର ଦିବସ ମହାଡମ୍ବରରେ ପାଳନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଦୟାନିଧି ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଜାତୀୟ ସେବା ଶିବିରର ପ୍ରୋଗ୍ରାମ ଅଫିସର ଅଧାପକ ଆଶିଷ କୁମାର ଓଝା ସମ୍ପୂର୍ଣ୍ଣ ପ୍ୟାରେଡ କାର୍ଯ୍ୟକୁ ପରିଚାଳନା କରିବା ସହିତ ଜାତୀୟ ସେବା ଶିବିର ପ୍ରୋଗ୍ରାମ ଅଫିସର ଓଡ଼ିଆ ଅଧାପିକା ସୁପ୍ରସିନୀ ବେହେରା, ଜାତୀୟ ସେବା ଶିବିର ସହ ସଂଯୋଜିକା ପଦାର୍ଥ ବିଜ୍ଞାନ ଅଧାପିକା ଶାନ୍ତିଲତା ଦାସ ସେବା ଶିବିରର ଗୁରୁତ୍ୱ ସ୍ୱବିଷୟରେ ବାର୍ତ୍ତା ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ, ଅଧାପିକା, କର୍ମଚାରୀ ସହଯୋଗ କରିଥିବା ବେଳେ ଇତିହାସ ବିଭାଗ ମୁଖ୍ୟ ଅଧାପକ ପ୍ରଭାଂଶୁ କୁମାର ସି, ଇଂରାଜୀ ବିଭାଗ ମୁଖ୍ୟ ଅଧାପକ ବିଜୟ କୁମାର ଜେନା, ରାଜନୀତି ବିଜ୍ଞାନ ଅଧାପକ ବିଦ୍ୟାଧର କୁହ୍ଲାରୀ, ସଂସ୍କୃତ ବିଭାଗ ଅଧାପକ ଡ଼ ବାମଦେବ ଆଚାର୍ଯ୍ୟ, ଇଂରାଜୀ ବିଭାଗ ଅଧାପକ ସନ୍ତୋଷ କୁମାର ମାହାନା ପ୍ରମୁଖ ସାଧାରଣ ତନ୍ତ୍ର ଦିବସର ଉପାଦେୟତା ସମ୍ବନ୍ଧରେ ଭାଷଣ ରଖିଥିଲେ, ପରିଶେଷରେ ଇତିହାସ ବିଭାଗ ଅଧାପକ ଆଶିଷ କୁମାର ଓଝା କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିଭିନ୍ନ ସାମ୍ବାଦିକ ସଙ୍ଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ, ୨୭/୧ (ନି.ପ୍ର): ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବନ୍ଦର ସହର ପାରାଦୀପରେ ବିଭିନ୍ନ ସାମ୍ବାଦିକ ସଙ୍ଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପାରାଦୀପ ପ୍ରେସ ମିଡିଆ ଓ ଓଡିଶା ସାମ୍ବାଦିକ ସଙ୍ଘର ମିଳିତ ସହଯୋଗରେ ନୂଆବଜାର ସ୍ଥିତ ସଙ୍ଘ କାର୍ଯ୍ୟାଳୟ ଠାରେ ସଙ୍ଘ ର ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଚିତ୍ତ ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଓଡିଶା ସାମ୍ବାଦିକ ସଙ୍ଘ ପାରାଦୀପ ୟୁନିଟର ସଭାପତି କରମେଶ୍ୱର ସ୍ୱାଇଁ, ପ୍ରେସ ମିଡିଆର ସଭାପତି ବସନ୍ତ କୁମାର ସାହୁ, ଅଜିତ ଦାସ, ଗଙ୍ଗାଧର ରାଉତ,



ସୁଶୀଲ ମହାପାତ୍ର, ସମୀର କୁମାର ମହାନ୍ତି, ପ୍ରଶାନ୍ତ ଦାସ, ରାଜଦିପ ବିଶ୍ୱାସ ଓ ପୁରୁଷୋତ୍ତମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାରାଦୀପ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ସାମ୍ବାଦିକ ଗଗନ ବିହାରୀ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଟ୍ରଷ୍ଟର ଅଧକ୍ଷ ଅରୁଣ କୁମାର ଓଝାଙ୍କ ସମେତ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ, ସଂଜୟ କୁମାର ମିଶ୍ର, ଭାଗିରଥୀ ମଲ୍ଲିକ, ଜଗନ୍ନାଥ ଶତପଥି, ସୁଦର୍ଶନ ବିଶ୍ୱାଳ, ଆଲୋକ ସ୍ୱାଇଁ, ପ୍ରଭାସ କୁମାର ଦାସ,ହରିଶ ଚନ୍ଦ୍ର ଲେଙ୍କାଙ୍କ ସମେତ ବହୁ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ



ପାରାଦୀପ, ୨୭/୧ (ନି.ପ୍ର): ପାରାଦୀପ ରିଫାଇନରୀରେ ୭୬ ତମ ସାଧାରଣତନ୍ତ୍ର ଦିବସ ଦେଶପ୍ରେମ ଓ ଉତ୍ସାହର ସହିତ ପାଳନ କରାଯାଇଛି । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ ଶ୍ରୀ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପ୍ ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକାକୁ ଉତ୍ତୋଳନ କରିଥିଲେ । ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ କୌଶିକ ବସୁ, ଆମ ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ପାରାଦୀପ ରିଫାଇନରୀ ଏହି ଅଞ୍ଚଳର ଅନ୍ତର୍ଭୂକ୍ତ ଅଭିବୃଦ୍ଧି ଉପରେ ସମ୍ପୂର୍ଣ ଧ୍ୟାନ ଦେଇଛି ଏବଂ ଆଗକୁ ଆସୁଥିବା ନୂତନ ପ୍ରକଳ୍ପଗୁଡିକ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଏକ ନୂଆ ପଥ ଆଙ୍କିବ । ଏହି ଅବସରରେ ଶ୍ରୀ କୌଶିକ ବସୁ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟବହାର ପାଇଁ ୧୦ ଟି ଇ-ରିକ୍ସା ପ୍ରଦାନ କରିଥିଲେ ଯାହା ପାରାଦୀପରେ ପ୍ରଦୂଷଣକୁ ହ୍ରାସ କରିବା ସହିତ ବେକାର ସ୍ଥାନୀୟ ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ପ୍ରଦର୍ଶନୀ ସହିତ ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ସାଧାରଣତନ୍ତ୍ର ଦିବସ ଅବସରରେ ପାରାଦୀପ ରିଫାଇନରୀ ନିକଟସ୍ଥ ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମନରେ ଆନନ୍ଦ ଏବଂ ଉତ୍ସାହ ଭରିଦେଇଥିଲା।

## ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାସୁଦେବପୁର, ୨୭/୧ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ସୁଙ୍ଗୁଡ଼ା ନୀଳମଣି ମିନି ଷ୍ଟାଡିୟମ୍ ପରିସରରେ ୩୮ ତମ ଆନ୍ତଃରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇ ଯାଇଛି। ଉଦଘାଟନ ଉତ୍ସବରେ ରାଜ କନିକା ଓ ମେଛଦା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇ ଥିଲା। ଏହି ଖେଳରେ ରାଜ କନିକା ଦୁଇ ଏକ ଗୋଲ୍ ରେ ବିଜୟ ଲାଭ କରି ଥିଲା। ସୁଙ୍ଗୁଡା ଶ୍ରୀଗଣେଶ କ୍ଲବ୍



ଦ୍ୱାରା ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଧାମ ନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ସମାଜସେବୀ ତଥା ବିଜେଡି ର ଜିଲ୍ଲା ସାଧାରଣ ସମ୍ପାଦକ ଭାଗିରଥୀ ବଳ, ସମାଜସେବୀ ପ୍ରଶାନ୍ତ ନାୟକ, ପୂର୍ବତନ ସାଂସଦ ଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ମାଧବ ଚନ୍ଦ୍ର ପୁହାଣ, ସମାଜସେବୀ ସଞ୍ଜୟ କୁମାର ରାଉତ । ସମସ୍ତ ଅତିଥି ଏହି ଅନୁଷ୍ଠାନ ଦ୍ୱାରା ଆୟୋଜିତ ଖେଳ କୁ ଓ ନିଷ୍ଠାପର ଉଦ୍ୟମ କୁ ପ୍ରଶଂସା କରିଥିଲେ। ଶ୍ରୀଗଣେଶ କ୍ଲବର ସଭାପତି ଗୌରାଙ୍ଗ ଚନ୍ଦ୍ର ବେହେରା ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲା ବେଳେ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀଗଣେଶ କ୍ଲବ ର ଉପ ସଭାପତି ଶେଖ୍ ଗୋଲାମ ସୋଫିଆନ୍ ଓ ସହ ସମ୍ପାଦକ ହୃଷୀକେଶ ସାହୁ ଯୋଗ ଦେଇଥିଲେ। କବି ରଞ୍ଜନ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ୍ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ

ଜଳେଶ୍ୱର, ୨୭/୧ (ନି.ପ୍ର): ସାରା ଦେଶ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିଛି ୭୬ ତମ ସାଧାରଣତନ୍ତ୍ର ଦିବସ।ପ୍ରତିଟି ଭାରତୀୟଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ।୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ବ୍ରିଟିଶ ସାମ୍ବିଧାନିକ ବ୍ୟବସ୍ଥାର ଅପସାରଣ ହେବା ସହ ଭାରତ ଏକ ସାର୍ବଭୌମତ୍ୱ ଗଣତନ୍ତ୍ର ରାଷ୍ଟ୍ର ରୂପେ ପରିଗଣିତ ହେବା ସହ ଏହି ଦିନ ଲିଖିତ ସାମ୍ବିଧାନିକ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସମ୍ମାନ ଜଣାଇ ସାଧାରଣତନ୍ତ୍ର ଦିବସ ସବୁ ବର୍ଷ ପାଳନ କରାଯାଉଛି ।ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ମହୋତ୍ସବ କମିଟି ପକ୍ଷରୁ ୭୬ ତମ ସାଧାରଣତନ୍ତ୍ର ଦିବସ ମହୋତ୍ସବ କମିଟିର ସଭାପତି ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ଜିତାଂଶୁ ଶେଖର ନନ୍ଦୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି ।ଜଳେଶ୍ୱର ବିଡିଓ ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ଘୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ୟାରେଡ ଅଭିବାଦନ ଗ୍ରହଣ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇଆଇସି ରଞ୍ଜନ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ବିଧାୟକ ଦ୍ୱୀ ପ୍ରସନ୍ନ ଚାନ୍ଦ,ଫାୟର ସବ ଇନ୍ସପେକ୍ଟର ଶବ୍ରନ ସିଂ,ଜଳେଶ୍ୱର ଓକିଲ ସଙ୍ଘର ସଭାପତି କୁଞ୍ଜବିହାରୀ ଦାସ, ସମ୍ପାଦକ ଦେବକାନ୍ତ କାଣ୍ଡ,ଶିଶିର କୁମାର ହୁଇ,ଦିଲ୍ଲୀପ କୁମାର ଗିରି,ବଶିଷ୍ଠ ଆଇନ ଜିବି ଅନୀଲ କୁମାର ପରିଡ଼ା,ସତ୍ୟସୁନ୍ଦର ଦାସ, ନିତ୍ୟ ଗୋପାଳ ଦାସ,ଫାଲଗୁନ ପାଣିଗ୍ରାହୀ, କାର୍ଯ୍ୟକାରି ସଭାପତି ଗୋବିନ୍ଦ ସାହୁ,ସୁବ୍ରତ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ଆଇନ ଯିବି ଶୁଶାନ୍ତ କୁମାର ଦାସ ସମସ୍ତ କାର୍ଯ୍ୟ ତୁଲାଇବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।ଜଳେଶ୍ୱର ଅଞ୍ଚଳରୁ ମୋଟ ୧୩ ଟି ସ୍କୁଲ ଓ କଲେଜ ର ଛାତ୍ର ଛାତ୍ରୀ ମାନେ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ୟାରେଡ କମାଣ୍ଡର ହାବିଲଦାର ନିମାଇଁ ଚରଣ ପ୍ରଧାନ ପ୍ୟାରେଡ ପରିଚାଳନା କରିଥିଲେ।

## ନିଶା ହେଲା କାଳ: ନଣନ୍ଦେଇର ଶାବଳ ମାଡ଼ରେ ଶଳାଭାଉଜ ଗୁରୁତର

ନୀଳଗିରି, ୨୭/୧ (ନି.ପ୍ର): ଅତ୍ୟଧିକ ନିଶାସେବନ ହେଲା କାଳ,ଶଳାଭାଉଜକୁ ଶାବଳରେ ପିଟି ଗୁରୁତରକଲା ନଣନ୍ଦେଇ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୁଡିଖୋଳା ଗ୍ରାମରେ।ସୂଚନା ମୁତାବକ ଉକ୍ତ ଗ୍ରାମର ଦୁଲାରାମ ମାଝୀଙ୍କ ସ୍ତ୍ରୀ ଫୁଲମଣି ମାଝୀ (୩୬) ଚଳିତ ଜାନୁଆରୀ ୪ ତାରିଖ ଦିନ ଘର କାମ କରୁଥିବା ସମୟରେ ନଣନ୍ଦେଇ ଶିବ ହାଁସଦା ଅତ୍ୟଧିକ ମଦ୍ୟପାନ କରି ତାଙ୍କଘରକୁ ଆସିଥିଲେ। ମଦ୍ୟପାନ କାରଣରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ।ଏହାକୁ ଫୁଲମଣି ପ୍ରତିରୋଧ କରିବାରୁ ଶିବ ଏକ ଶାବଳରେ ପିଟି ତାଙ୍କର ଦୁଇହାତକୁ ଭାଙ୍ଗିଦେଇଥିଲା। ପଡୋଶୀ ଲୋକ ଆସି ଫୁଲମଣୀଙ୍କୁ ଉଦ୍ଧାର କରି ବାଲେଶ୍ୱର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଶିବ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଦୀର୍ଘଦିନ ଧରି ଚିକିତ୍ସିତ ହେଉଥିବାରୁ ଫୁଲମଣୀ ଅଭିଯୋଗ କରିପାରିନଥିଲେ। ଆଜି ଅଭିଯୋଗ ପରେ ନୀଳଗିରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧ ଓ ମଧୁସୂଦନ ରାଓ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ମଧୁସୂଦନ ରାଓ ଜଣେ ଆଦର୍ଶ ଶିକ୍ଷକ, କବି, ସାହିତ୍ୟିକ, ପଣ୍ଡିତ, ସୁସଂଗଠକ ଓ ସମାଜ ସଂସ୍କାରକ ଥିଲେ। ସେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଓ ଓଡ଼ିଆ ଭାଷାର ପ୍ରଥମ ବର୍ଣ୍ଣବୋଧ, ମଧୁ ବର୍ଣ୍ଣବୋଧର ପ୍ରଣେତା । ମଧୁସୂଦନ ୧୮୫୩ ମସିହା ଜାନୁଆରୀ ୨୯ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ ଭକ୍ତକବି ଭାବେ ଲୋକଙ୍କ ନିକଟରେ ପରିଚିତ । ବାଲେଶ୍ୱର ଜିଲ୍ଲାସ୍କୁଲରେ ଦ୍ୱିତୀୟ ଶିକ୍ଷକ ପଦବୀରେ ଯୋଗଦେବା ପରେ ଫକୀର ମୋହନ ସେନାପତି ଓ ରାଧାନାଥ ରାୟଙ୍କ ସାନ୍ନିଧ ଲାଭ କରିଥିଲେ । ଏହି ସମୟରେ ସେ ସୁଲେଖକ ଭାବେ ପ୍ରସିଦ୍ଧି ଲାଭ କରିଥିଲେ । ମଧୁସୂଦନ ଶିକ୍ଷାବିଭାଗର ବିଭିନ୍ନ ପଦବୀରେ କାର୍ଯ୍ୟ କରି ଶେଷରେ ମାସିକ ପାଞ୍ଚଶହ ବେତନରେ ଇନ୍ସପେକ୍ଟର ପଦବୀରୁ ଅବସର ଗ୍ରହଣ କରିଥିଲେ । ମଧୁସୂଦନ, ଉତ୍କଳ ସାହିତ୍ୟ ସମାଜ ଓ ଭିକ୍ଟୋରିଆ ସ୍କୁଲ ବା ଭକ୍ତ ମଧୁ ବିଦ୍ୟାପୀଠ ଅନୁଷ୍ଠାନ ଦ୍ୱୟର ପ୍ରାଣପ୍ରତିଷ୍ଠାତା ଥିଲେ।

ମଧୁସୂଦନ ରାଓ ବାଲେଶ୍ୱରରେ ଶିକ୍ଷକତା କରୁଥିଲା ବେଳେ ଫକୀର ମୋହନ ଓ ରାଧାନାଥଙ୍କ ସାନ୍ନିଧ ଲାଭ କରିଥିଲେ । ସାହିତ୍ୟ ଚର୍ଚ୍ଚା ଆରମ୍ଭ ହେଲା । ଏମାନେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ରଚନା କରିଥିଲେ । ବାଲେଶ୍ୱର ରାଜକୁମାର ବୈକୁଣ୍ଠ ନାଥ ଦେ ଏମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଜଣେ ସୁଲେଖକ ଭାବେ ମଧୁସୂଦନ ଏଠାରେ ପ୍ରସିଦ୍ଧି ଲାଭ କରିଥିଲେ ।ଓଡ଼ିଆ ବର୍ଣ୍ଣମାଳା ପାଇଁ ଉଦ୍ଦିଷ୍ଟ ପ୍ରାଥମିକ ପୁସ୍ତକ ବର୍ଣ୍ଣବୋଧ ପ୍ରତ୍ୟେକ ଓଡ଼ିଆର ଚିର ପରିଚିତ । ସେ ସାକ୍ଷର ହେଉ କି ନିରକ୍ଷର ହେଉ, ସେ ଓଡ଼ିଶାର ବାସିନ୍ଦା ହେଉ କି ଉପାନ୍ତ ଅଞ୍ଚଳର ବାସିନ୍ଦାହେଉ, ସଂସ୍କୃତି ପୀଠ କଟକ ମହାନଗରୀର ମଧ ଭାଗରେ ଅବସ୍ଥିତ ଉତ୍କଳ ସାହିତ୍ୟ ସମାଜ ଓଡ଼ିଶାର ସାରସ୍ୱତ ସାଧକମାନଙ୍କର ଏକ ତୀର୍ଥକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । କଟକ ମହାନଗରୀରେ ଅବସ୍ଥିତ ଭିକ୍ଟୋରିଆ ସ୍କୁଲ (ଭକ୍ତ ମଧୁ ବିଦ୍ୟାପୀଠ) ମଧ ଓଡ଼ିଶାର ଅନ୍ୟତମ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ । ମଧୁସୂଦନ ରାଓଙ୍କ ରଚନା ଖୁବ ସରଳ ଓ ସୁବୋଧ ଓଡ଼ିଆରେ ଲେଖା । ସେ ଓଡ଼ିଆ ଭାଷାରେ ବର୍ଣ୍ଣବୋଧ ରଚନା କରିଥିଲେ ଯାହା ମଧୁ ବର୍ଣ୍ଣବୋଧ ନାମରେ ଜଣା । ତାଙ୍କ ରଚିତ ମଧୁ ବର୍ଣ୍ଣବୋଧ ଏକ ଉପାଦେୟ ବହି ଯାହା କାଳ କାଳ ଧରି ଶିଶୁମାନଙ୍କର ପଠନଯୋଗ୍ୟ ହୋଇ ରହିଅଛି । ତାଙ୍କର ମଧୁର ରଚନା ଲାଗି ତାଙ୍କୁ ଭକ୍ତକବି ବୋଲି ଡକାଯାଇଥାଏ । ମଧୁସୂଦନ ଓ ଫକୀର ମୋହନ ସେନାପତିଙ୍କ ଠାରୁ ଓଡ଼ିଆ ଭାଷାର ଆଧୁନିକ ଯୁଗର ଆରମ୍ଭ ହୋଇଛି ବୋଲି କୁହାଯାଏ । ବସନ୍ତ ଗାଥା, ଉତ୍କଳ ଗାଥା, ଛାନ୍ଦମାଳା କୁସୁମାଞ୍ଜଳୀ, ପ୍ରବନ୍ଧମାଳା, କବିତାବଳୀ ଓ ସୁଖବୋଧ ଅଭିଧାନ ପ୍ରଭୃତିର ସେ ହେଉଛନ୍ତି ରଚୟିତା । ଓଡ଼ିଆ ସାହିତ୍ୟ ଜଗତରେ ଭକ୍ତକବି ଭାବେ ସୁପରିଚିତ ମଧୁସୂଦନ ରାଓ ତାଙ୍କ ରଚିତ 'ମଧୁ ବର୍ଣ୍ଣବୋଧ' ପାଇଁ ରହିବେ ଚିର ଅମର । ଓଡ଼ିଆ ପାଠ୍ୟ ପୁସ୍ତକର ଅଭାବ ଅନୁଭବ କରି ସେ ଅନେକ ପାଠ୍ୟପୁସ୍ତକ ରଚନା କରିଥିଲେ । କଟକସ୍ଥ ଭିକ୍ଟୋରିଆ ହାଇସ୍କୁଲ୍ ?ର ସେ ଥିଲେ ପ୍ରତିଷ୍ଠାତା, ଯାହା ପରବର୍ତ୍ତୀ କାଳରେ ଭକ୍ତମଧୁ ବିଦ୍ୟାପୀଠ ଭାବେ ପରିଚିତ ହୋଇଥିଲା। ପ୍ରବନ୍ଧରୁ ଲେଖକ ଜୀବନ ଆରମ୍ଭ କରିଥିଲେ ମଧୁସୂଦନ ରାଓ । ତାଙ୍କର ପ୍ରଥମ ପ୍ରବନ୍ଧ ପୁସ୍ତକ 'ପ୍ରବନ୍ଧମାଳା' ପ୍ରକାଶିତ ହୋଇଥିଲା । ରାଧାନାଥ ରାୟଙ୍କ ସହ ମିଶି 'କବିତାବଳୀ' ଶୀର୍ଷକରେ ସେ ଏକ ଗୀତିକବିତା ପୁସ୍ତକ ପ୍ରକାଶ କରିଥିଲେ, ଯାହା ଚଉତିଶା, କୋଇଲି, ବୋଲି ଆଦି ପାରଂପରିକ ଗୀତିରଚନା ଧାରାଠାରୁ ପୃଥକ୍ ? ଥିଲା । ଛାନ୍ଦମାଳା, ସଙ୍ଗୀତମାଳା, କୁସୁମାଂଜଳି, ବସନ୍ତଗାଥା, ଉତ୍କଳଗାଥା, ଉତ୍ତର ରାମଚରିତ, ବାଳ ରାମାୟଣ, କବିତାବଳି, ସାହିତ୍ୟ କୁସୁମ, ବାଳବୋଧ, ଶିଶୁବୋଧ ଆଦି ଅନେକ କବିତା ପୁସ୍ତକ ରଚନା କରିଥିବା ମଧୁସୂଦନ ରାଓ ଥିଲେ ବାସ୍ତବରେ ଓଡ଼ିଆ ଆଧୁନିକ ଗୀତିକବିତାର ଜନକ । ତାଙ୍କର ପ୍ରତ୍ୟେକଟି ରଚନାରେ ପ୍ରଭୁପ୍ରେମ ଓ ଭକ୍ତିରସ ପ୍ରାଞ୍ଜଳ ଭାବେ ପ୍ରସ୍ଫୁଟିତ ହୁଏ ଓ ବିଦ୍ୟାଳୟ ମାନଙ୍କରେ ଉଚ୍ଚାରିତ ହେଉଥିବା ବହୁ ଲୋକପ୍ରିୟ ପ୍ରାର୍ଥନା ସଂଗୀତ 'ଅଖିଳ ବ୍ରହ୍ମାଣ୍ଡ ପତି ହେ ଜୀବନ ସ୍ୱାମୀ', 'ହେ ପରମ ପିତାମାତା ପ୍ରଭୁ ଅନ୍ତର୍ଯ୍ୟାମୀ'ର ସେ ହେଉଛନ୍ତି ପ୍ରାଣଦାତା ଓ ନିଜର ସୁନ୍ଦର ଚରିତ୍ର, କାର୍ଯ୍ୟ ଦକ୍ଷତା ଓ କର୍ମନିଷ୍ଠାରେ ସନ୍ତୁଷ୍ଟ ହୋଇ ତତ୍କାଳୀନ ସରକାର ତାଙ୍କୁ 'ରାୟବାହାଦୁର' ଉପାଧିରେ ସମ୍ମାନିତ କରିଥିଲେ, ଏଥିସହିତ ଓଡ଼ିଶାର ଶିକ୍ଷିତସମାଜ ତାଙ୍କୁ "ଭକ୍ତକବି"ର ଉପାଧି ଦେଇଥିଲେ ଓ ୧୯୧୨ ମସିହା ଡିସେମ୍ବର ୨୮ରେ ଏହି ମହାନ ଆତ୍ମାଙ୍କର ବିୟୋଗ ଘଟିଥିଲା।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

# ମହାଯାନ ବୌଦ୍ଧଧର୍ମ ଓ ଓଡ଼ିଶା...

ଅଶୋକଙ୍କ ପରବର୍ତ୍ତୀ କାଳରେ ବୁଦ୍ଧଙ୍କଠାରେ ଅତିମାନବତ୍ୱ ବା ଲୋକୋତ୍ତର ତତ୍ତ୍ୱର ଆରୋପ ତଥା ବୌଦ୍ଧଧର୍ମରେ ଆସ୍ତିକତାର ପ୍ରବେଶ ଯୋଗୁଁ ଏଥିରେ ବ୍ୟାପକ ତଥା ଅକଳ୍ପନୀୟ ରୂପାନ୍ତର ଏବଂ ତା'ସହ ପାରମିତା ମତର ଆବିର୍ଭାବ ମଧ ଘଟିଲା। ଏହି ପାରମିତା ତତ୍ତ୍ୱ ବୌଦ୍ଧଧର୍ମର ଦୃଷ୍ଟିଭଙ୍ଗୀରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆଣିବା ସହ 'ପ୍ରଜ୍ଞାପାରମିତା' ନାମରେ ବିଶାଳ ବୌଦ୍ଧ ସାହିତ୍ୟର ସୃଷ୍ଟି ହେଲା। ଏହି 'ପ୍ରଜ୍ଞାପାରମିତା'ରୁ 'ଧର୍ମଶୂନ୍ୟତା'ବାଦର ସୃଷ୍ଟି ହେବା ସହ ଏହା ହିଁ ମହାଯାନର ବିକାଶର ମୂଳତତ୍ତ୍ୱ ହେଲା। ଲାମା ତାରାନାଥଙ୍କ ମତରେ 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ହେଉଛି ପାରମିତା ଶାସ୍ତ୍ରର ମୂଳଗ୍ରନ୍ଥ। ଏହାକୁ ପ୍ରଥମେ ମଞ୍ଜୁଶ୍ରୀ ହିଁ ପ୍ରଚଳନ କରିଥିଲେ। ଏଣୁ ଏହା ନିଃସନ୍ଦେହ ଯେ 'ଅଷ୍ଟସହସ୍ରିକା' ହେଉଛି ପାରମିତା ଶାସ୍ତ୍ରର ମୂଳଗ୍ରନ୍ଥ ଏବଂ ଏହି ଗ୍ରନ୍ଥର ସଂଯୋଜନା ଯେଉଁଠାରେ ହୋଇଥିବ, ତାହା ହିଁ ମହାଯାନର ବିକାଶର ମୂଳସ୍ଥାନ। ତାରାନାଥଙ୍କ ବିବରଣୀ ଅନୁଯାୟୀ 'ରାଜା ମହାପଦ୍ମଙ୍କର ଅଳ୍ପକାଳ ପରେ 'ଓଡ଼ିଭିଶ' (ଓଡ଼ିଶା) ଭୂମିରେ ଚନ୍ଦ୍ରଗୁପ୍ତ ନାମକ ରାଜା ଶାସନ କରୁଥିଲେ। ତାଙ୍କ ଗୃହକୁ ମଞ୍ଜୁଶ୍ରୀ ଭିକ୍ଷୁ ବେଶରେ ଆସି ମହାଯାନ ସମ୍ପର୍କରେ ବିଭିନ୍ନ ଶିକ୍ଷା ପ୍ରଦାନ କରିବା ସହ ଗୋଟିଏ ଗ୍ରନ୍ଥ ସେଠାରେ ଛାଡ଼ିଗଲେ। ସୌତ୍ରାନ୍ତିକମାନଙ୍କ ମତରେ ଏହି ଗ୍ରନ୍ଥ ହେଉଛି 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ଏବଂ ତାନ୍ତ୍ରିକ ଶାଖା ମତରେ ଏହା ହେଉଛି 'ତତ୍ତ୍ୱ ସଂଗ୍ରହ'। ଗ୍ରନ୍ଥ ଯାହା ବି ହେଉ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ଏହି ଓଡ଼ିଶାରୁ ହିଁ ମହାଯାନର ଆବିର୍ଭାବ ଘଟିଲା। ତାରାନାଥଙ୍କ ମତ ଅତ୍ୟନ୍ତ ସ୍ପଷ୍ଟଭାବେ ଦର୍ଶାଉଅଛି ଯେ ମହାଯାନର ମୂଳସ୍ଥାନ ହେଉଛି ଓଡ଼ିଭିଶ ବା ଓଡ଼ିଶା। ତାରାନାଥଙ୍କ ଏହି ମତସହ ଅନ୍ୟତମ ପ୍ରସିଦ୍ଧ ତିବ୍ବତୀୟ ଗ୍ରନ୍ଥ ପାଗ୍-ସାମ୍-ଜନ୍-ଜାଙ୍ଗରେ ସୂଚିତ ଯେ ମହାପଦ୍ମନନ୍ଦଙ୍କ ଶାସନର ଅଳ୍ପକାଳ ପରେ ମହାଯାନ ବୌଦ୍ଧଧର୍ମର ଆରମ୍ଭ ହେଲା ଓଡ଼ିଭିଶ ବା ଓଡ଼ିଶାରୁ। ବୌଦ୍ଧସୂତ୍ର ଓ ଐତିହାସିକ ବିବରଣୀ ମୁତାବକ ପ୍ରଥମ 'ପ୍ରଜ୍ଞାପାରମିତା' ଶାସ୍ତ୍ର ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ମଧରେ ରଚିତ ହୋଇଥିଲା। 'ଅଷ୍ଟସହସ୍ରିକା ପ୍ରଜ୍ଞାପାରମିତା' ସର୍ବପ୍ରଥମେ ଚୀନା ଭାଷାରେ ଖ୍ରୀ ୧୪୮ରେ ଅନୂଦିତ ହୋଇଥିଲା। ଏଣୁ ଏହା ନିଶ୍ଚିତ ଯେ ଉପରୋକ୍ତ କାଳ ମଧରେ ହିଁ ଏହି ଶାସ୍ତ୍ରର ସୃଷ୍ଟି ହୋଇଥିଲା। ଏଣୁ ସମ୍ଭବତଃ ଏହି କାଳରେ ହିଁ ପ୍ରକୃତ ମହାଯାନ ଓ ତାହାର ଧର୍ମଶୂନ୍ୟତାତତ୍ତ୍ୱର ଓଡ଼ିଶାରେ ହିଁ ଉତ୍ପତ୍ତି ଘଟିଥିଲା। ଅଷ୍ଟମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ବୌଦ୍ଧଧର୍ମକୁ କୌଣସି ରାଜକୀୟ ସାହାଯ୍ୟ ସହଯୋଗ ମିଳି ନଥିଲା। ମହାଯାନ ଓଡ଼ିଶାରେ କେବଳ ସାଧାରଣ ଲୋକଙ୍କ ସହଯୋଗରେ ଏକ ସମୃଦ୍ଧ ତଥା ପ୍ରଭାବଶାଳୀ ଧର୍ମ ଭାବେ ପ୍ରତିଷ୍ଠା ଲାଭ କରିପାରିଥିଲା। ବିଶାଳ ଓ ଚିତ୍ତାକର୍ଷକ ବୌଦ୍ଧବିହାର ଓ ଅନ୍ୟାନ୍ୟ ଧାର୍ମିକ ସ୍ଥଳ ତଥା ଉତ୍କୃଷ୍ଟ କଳାଶୈଳୀର ବୁଦ୍ଧ, ବୋଧିସତ୍ତ୍ୱ ଓ ଅନ୍ୟାନ୍ୟ ବୌଦ୍ଧ ମୂର୍ତ୍ତିମାନ ବହୁସଂଖ୍ୟାରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ ତଥା ଗଢ଼ି ଉଠିବା ସହ ଶତାବ୍ଦୀ ଶତାବ୍ଦୀ ଧରି ଜନସାଧାରଣଙ୍କର ଧାର୍ମିକ କେନ୍ଦ୍ର ଭାବେ ରହିପାରିଥିଲା। ଏହି ବୌଦ୍ଧ ଅନୁଷ୍ଠାନ ସବୁ ଶିକ୍ଷା ଓ ସାଂସ୍କୃତିକ କେନ୍ଦ୍ର ଭାବେ ପରିଣତ ହୋଇଥିଲା। ସମୟକ୍ରମେ ଏହି ବିହାରମାନଙ୍କ ମଧରୁ କେତେକ ବିଶ୍ୱବିଦ୍ୟାଳୟ ଭାବେ ପ୍ରସିଦ୍ଧି ଲାଭ କରି ଦେଶବିଦେଶରୁ ଶିକ୍ଷାର୍ଥୀମାନଙ୍କୁ ଆକର୍ଷିତ କରିପାରିଥିଲେ। ନାଗାର୍ଜୁନକୋଣ୍ଡା ଅଭିଲେଖ ମୁତାବକ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ତୋଷାଳୀ, ପାଲୁର, ହିରିମ୍ଭ, ପପିଳ ଏବଂ ପୁଷ୍ପଗିରି ପ୍ରଭୃତି ହୀନଯାନ ଶାଖାର ପ୍ରସିଦ୍ଧ ତଥା ସୁରକ୍ଷିତ କେନ୍ଦ୍ର ଭାବେ ଗଢ଼ି ଉଠିଥିଲେ। ସମୟକ୍ରମେ ତୋଷାଳୀ ମହାଯାନ ଶାଖାର ଏକ ପ୍ରସିଦ୍ଧ କେନ୍ଦ୍ରଭାବେ ପରିଣତ ହୋଇଥିଲା। ଅନ୍ୟ ପ୍ରମୁଖ ମହାଯାନ କେନ୍ଦ୍ରମାନ ଭୋରାଶୈଳ, ତାମ୍ରଲିପ୍ତ, ଚେଳିତୋଳା, ବିରଜା, ରତ୍ନଗିରି ଏବଂ ଆହୁରି ଅନେକ ସ୍ଥାନରେ ଗଢ଼ି ଉଠିଥିଲା। ଓଡ଼ିଶାର ଚାରିଆଡ଼େ ବହୁ ସଂଖ୍ୟାରେ ବୌଦ୍ଧ କୀର୍ତ୍ତିରାଜିର ଉପସ୍ଥିତି ହିଁ ଏଠାରେ ଶହ ଶହ ବର୍ଷ ଧରି ଏକ ବୃହତ ଓ ଶକ୍ତିଶାଳୀ ବୌଦ୍ଧ ସଂସ୍କୃତିର ପ୍ରାଧାନ୍ୟ ବଜାୟ ରହିଥିବା ସୂଚାଇଥାଏ। ପ୍ରଥମ ଶତାବ୍ଦୀ ପରଠାରୁ ଗଢ଼ି ଉଠିଥିବା କେତେକ ବୌଦ୍ଧ ଅନୁଷ୍ଠାନ ସ୍ୱତନ୍ତ୍ର ଶିକ୍ଷାଦାନ ସ୍ଥଳ ରୂପରେ ମାନ୍ୟତା ପାଇଥିଲେ। ଏଗୁଡ଼ିକର ବିଶେଷ ଅବଦାନ ଯୋଗୁଁ ଓଡ଼ିଶାରେ ଓ ଓଡ଼ିଶା ବାହାରେ ବୌଦ୍ଧଧର୍ମ ଅତ୍ୟନ୍ତ ଲୋକପ୍ରିୟ ଓ ସମୃଦ୍ଧ ଧର୍ମ ରୂପେ ପ୍ରତିଷ୍ଠିତ ହୋଇପାରିଥିଲା। ଏହିକ୍ରମରେ ଭୋରାଶୈଳ ବୌଦ୍ଧ ନ୍ୟାୟ ପାଇଁ ଏବଂ ପ୍ରଥମେ ତୋଷାଳୀ ଓ ପରେ ରତ୍ନଗିରି ବୌଦ୍ଧ ଯୋଗ ନିମନ୍ତେ ଖ୍ୟାତି ଅର୍ଜନ କରିଥିଲେ। ପ୍ରଥମ କିମ୍ବା ଦ୍ୱିତୀୟ ଶତାବ୍ଦୀ ବେଳକୁ କୋଶଳ ଓ କଳିଙ୍ଗରେ ମହାଯାନର ମାଧମିକ ସମ୍ପ୍ରଦାୟ ଓ 'ଶୂନ୍ୟତା' ରୂପରେ ଏହାର ବଳିଷ୍ଠ ଦାର୍ଶନିକ ମତ ବୌଦ୍ଧଧର୍ମ ମଧରେ ଏକ ନୂତନ ଦୃଶ୍ୟପଟ ରୂପେ ଅବତୀର୍ଣ୍ଣ ହେଲା। ଆଚାର୍ଯ୍ୟ ନାଗାର୍ଜୁନ ଏହି ସମ୍ପ୍ରଦାୟର ଦାର୍ଶନିକ ମତର ପ୍ରତିଷ୍ଠାତା। ହୁଏନସାଂଙ୍କ ବିବରଣୀ ଅନୁଯାୟୀ ଦକ୍ଷିଣକୋଶଳର ରାଜଧାନୀଠାରୁ ଦକ୍ଷିଣ-ପଶ୍ଚିମକୁ ପ୍ରାୟ ପଚାଶ ମାଇଲ ଦୂରସ୍ଥ ପରିମଳଗିରିଠାରେ ଆଚାର୍ଯ୍ୟ ନାଗାର୍ଜୁନଙ୍କ ନିବାସସ୍ଥଳୀ ରହିଥିଲା। କଳିଙ୍ଗ ଜନ୍ମିତ ଆଚାର୍ଯ୍ୟ ଆର୍ଯ୍ୟଦେବ ନାଗାର୍ଜୁନଙ୍କ ପ୍ରମୁଖ ଶିଷ୍ୟ ଥିଲେ ଓ ନାଗାର୍ଜୁନଙ୍କ ପରେ ସେ ତାଙ୍କ ମତକୁ ସଫଳତାର ଶିଖରରେ ପହଞ୍ଚାଇ ପାରିଥିଲେ ଏବଂ ମହାଯାନର ଜଣେ ଖ୍ୟାତନାମା ଆଚାର୍ଯ୍ୟ ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ମହାଯାନର ମାଧମିକ ଶୂନ୍ୟବାଦ ସହ ତାହାର ଅନ୍ୟ ସମ୍ପ୍ରଦାୟ ଭାବେ ତୃତୀୟ ଶତାବ୍ଦୀରେ ଆଚାର୍ଯ୍ୟ ମୈତ୍ରେୟନାଥଙ୍କ ଦ୍ୱାରା ଯୋଗାଚାର ପନ୍ଥାର ଉଦ୍ଭବ ହେଲା। ଏହାର ଦାର୍ଶନିକ ମତ ହେଲା ବିଜ୍ଞାନବାଦ। ଓଡ଼ିଶାରେ ଯୋଗାଚାର ବିଜ୍ଞାନବାଦ ସମ୍ପ୍ରଦାୟ ତାହାର ପ୍ରତିଷ୍ଠାର ଚରମ ଶିଖରରେ ପହଞ୍ଚି ପାରିଥିଲା ଓ ଏହାର କର୍ତ୍ତାଥିଲେ ପ୍ରସିଦ୍ଧ ବୌଦ୍ଧ ଆଚାର୍ଯ୍ୟ ଦିଙ୍ଗନାଗ ଓ ଧର୍ମକୀର୍ତ୍ତି ପ୍ରମୁଖ। ଦିଙ୍ନାଗ (୪ର୍ଥ ଶତାବ୍ଦୀ) ଆଚାର୍ଯ୍ୟ ବସୁବନ୍ଧୁଙ୍କ ଶିଷ୍ୟ ଥିଲେ ଓ ଭୋରାଶୈଳଠାରେ ତାଙ୍କର ନିବାସସ୍ଥଳ ଥିଲା। ସେ କିଛି କାଳ ନାଳନ୍ଦାରେ କୁଳପତି ଦାୟିତ୍ୱ ଗ୍ରହଣ କରିଥିଲେ। ଏମାନଙ୍କ ବ୍ୟତୀତ ଓଡ଼ିଶାରେ ଏହି ପନ୍ଥାର ଅନ୍ୟ ଯେଉଁ ଆଚାର୍ଯ୍ୟମାନେ କାର୍ଯ୍ୟ କରିଥିଲେ ସେମାନେ ହେଲେ ତ୍ରିରତ୍ନଦାସ (୫ମ ଶତାବ୍ଦୀ), ସ୍ଥିରମତି (ପଞ୍ଚମ ଶତାବ୍ଦୀ), ଧର୍ମପାଳ (୬ଷ୍ଠ ଶତାବ୍ଦୀ, ଚନ୍ଦ୍ରକୀର୍ତ୍ତି (୭ମ ଶତାବ୍ଦୀ), ଶାନ୍ତିଦେବ (୭ମ ଶତାବ୍ଦୀ) ପ୍ରମୁଖ। ଧର୍ମପାଳ ନାଳନ୍ଦାର ମୁଖ୍ୟ ଆଚାର୍ଯ୍ୟ ଭାବେ କିଛିକାଳ କାର୍ଯ୍ୟ କରିଥିଲେ। ଏହି ସବୁ ସ୍ୱନାମଧନ୍ୟ ବୌଦ୍ଧ ଆଚାର୍ଯ୍ୟମାନେ ଓଡ଼ିଶାରେ ମହାଯାନକୁ ସଫଳତାର ଉଚ୍ଚସ୍ଥାନରେ ପହଞ୍ଚାଇ ପାରିଥିଲେ।

# ଚୁନ ମାରୁଛନ୍ତି, ଅନଲାଇନ ଲଭ ଫ୍ରଡ଼ ଲୁଟେରା

**ଗଙ୍ଗାଧର ସାମଲ**

ଆପଣ ସୋସିଆଲ ମିଡ଼ିଆ ଦ୍ୱାରା ଅନ୍ୟ ମାନଙ୍କ ସହ ସମ୍ବନ୍ଧିତ, ସମ୍ପର୍କିତ ଏପରିକି ପରିଚିତ ବ୍ୟକ୍ତିତ୍ୱଙ୍କ ସହ ବନ୍ଧୁତା ସ୍ଥାପନ ସମୟରେ ପ୍ରାୟତଃ ହ୍ୱାଟସପ୍, ଫେସବୁକ, ଇନଷ୍ଟାଗ୍ରାମ, ସ୍ନାପ ଚାର୍ଟ, ଟେଲିଗ୍ରାମ ଏହିପରି କିଛି ସୋସିଆଲ ମିଡ଼ିଆ ପ୍ଲାଟଫର୍ମକୁ ମାଧମ କରୁଥିବେ। ତେବେ କେତେକ ବିଶେଷକରି ଅବିବାହିତମାନେ ସେମାନଙ୍କ ଜୀବନ ସାଥୀ ଖୋଜିବା ପାଇଁ ବିଭିନ୍ନ ସୋସିଆଲ ମିଡ଼ିଆ ସ୍ୱାଭାବିକ ଭାବେ ବ୍ୟବହାର କରନ୍ତି। ତେବେ ଗୋଟିଏ କଥା ଭଲ ଭାବେ ମନେ ରଖନ୍ତୁ। ଆପଣଙ୍କ ଏହି ସୁଯୋଗର କିଛି ଫାଇଦା ଠକମାନେ ଉଠାଇ ପାରନ୍ତି। ସେମାନେ ଫେକ ଆକାଉଣ୍ଟ ଖୋଲି ପ୍ରେମଜାଲରେ ସୋସିଆଲ ମିଡ଼ିଆ ବ୍ୟବହାରକାରୀଙ୍କୁ ଫସାଇ ପରବର୍ତ୍ତୀ ସମୟରେ ବିଭିନ୍ନ ମିଛ କାହାଣୀ ଶୁଣାଇ ଆପଣଙ୍କ ଭାବନା ଓ ମାନସିକତା ସହ ଖେଳନ୍ତି ଆଉ ଅର୍ଥ ମଧ ହଡ଼ପ କରନ୍ତି। ସାଇବର ବିଶେଷଜ୍ଞଙ୍କ ଅନୁସାରେ ଏବେ ପିଗ୍ ବୁଚରିଂ ଠକେଇ ମାମଲା ବଢ଼ିବାରେ ଲାଗିଛି। ଏହି ଠକେଇରେ ଠକମାନେ ପ୍ରଥମେ ସୋସିଆଲ ମିଡ଼ିଆରେ ଏକ ସାଧାରଣ ମେସେଜ ଦ୍ୱାରା ସମ୍ପର୍କ ଗଢ଼ନ୍ତି ଏବଂ ପରେ ଲୋକଙ୍କ ବିଶ୍ୱାସ ହାସଲ କରି ସେମାନଙ୍କୁ ଆପ୍ଲିକେସନ ଡାଉନଲୋଡ଼ କରିବାକୁ କହି କିଛି ଫର୍ମ ପୂରଣ କରିବାକୁ ଅପସନ ଦିଅନ୍ତି। ଏହାପରେ ଆପଣଙ୍କ ଅଜାଣତରେ ଫୋନ ହ୍ୟାକ ହେବା ସହ ସମସ୍ତ ତଥ୍ୟ ଓ ବ୍ୟାଙ୍କ ଆକାଉଣ୍ଟ ଡିଟେଲ ଲିକ ହୋଇଯାଏ। ତେବେ ବିଶେଷଜ୍ଞଙ୍କ ମତ ଯେ ଫେସବୁକ ଓ ଟିଣ୍ଡର ଡେଟିଂ ଆପ ଦ୍ୱାରା ଏହା ବେସି ପରିଚାଳିତ ହୋଇଥାଏ। ଏହି ଠକେଇ ମାମଲା ବିଦେଶରେ ଅଧିକ ଦେଖାଯାଏ। ତେବେ ଭାରତରେ ମଧ ଏହି ଜାଲି ଆକାଉଣ୍ଟ ଲକ୍ଷ ଲକ୍ଷ ସଂଖ୍ୟାରେ ରହିଛି। କୋଭିଡ-୧୯ ମହାମାରୀ ପରେ ଅନଲାଇନ ଲଭ ଫ୍ରଡ଼ ଅଧିକ ଦେଖାଯାଇଥିଲା। ଲକଡାଉନ କାରଣରୁ ଲୋକ ନିସ୍ୱ ଅନୁଭବ କଲେ। ଚାକିରି ଚାଲିଯିବା ଓ ବ୍ୟବସାୟରେ କ୍ଷତି କାରଣରୁ ଭବିଷ୍ୟକୁ ନେଇ ଏକ ପ୍ରକାରର ଅନିଶ୍ଚିତତା ଲାଗି ରହିଲା। ସେହି ସମୟରେ ଘରେ ଗୋଟିଏ ସ୍ଥାନରେ ରହି ଜୀବନ ସହଜ ଅନୁଭବ ହୋଇପାରିନଥିଲା। ଫଳରେ ସୋସିଆଲ ମିଡ଼ିଆର ବ୍ୟବହାର ବଢ଼ିଥିଲା, ଯାହାର ଫାଇଦା ଠକମାନେ ନେଇଥିଲେ। ଠକମାନେ ପ୍ରଥମେ ସୋସିଆଲ ମିଡ଼ିଆ ମାଧମରେ ସାଥୀ ଖୋଜିଥିଲେ। ଲୋକଙ୍କୁ ପ୍ରେମ ଜାଲରେ ଫସାଇ ବ୍ୟକ୍ତିଗତ ତଥ୍ୟ ଓ ଫଟୋ ଆଦାନପ୍ରଦାନ କରିଥିଲେ। ପରେ ବିଭିନ୍ନ ଆଳ କିମ୍ବା ଧମକ ଦେଇ ଅର୍ଥ ହଡ଼ପ କରିଥିଲେ। ଡିଜିଟାଲ ମାଧମରେ ପ୍ରେମ ବା ଲଭ କରି ଅର୍ଥ ହଡ଼ପକୁ ପ୍ରକ୍ରିୟାକୁ ଅନଲାଇନ ଲଭ ଫ୍ରଡ଼ କୁହାଗଲା। କେବଳ ଭାରତରେ ନୁହେଁ ବିଦେଶରେ ମଧ ଅନଲାଇନ ଲଭ ଫ୍ରଡ଼ ବୃଦ୍ଧି ପାଇବାକୁ ଲାଗିଥିଲା। ୨୦୨୧ରେ ଆମେରିକାରେ ୯୫୦୦୦ ଲୋକ ଏ ସମ୍ବନ୍ଧିତ ଅଭିଯୋଗ ସାଇବର ଅପରାଧ କେନ୍ଦ୍ରରେ ଦାଏର କରିଥିଲେ। ନିକଟରେ ଭୁବନେଶ୍ୱରରେ ଏକ ଅନଲାଇନ ଲଭ ଫ୍ରଡ଼ ଖବର ବେଶ ଚର୍ଚ୍ଚାକୁ ଆସିଥିଲା।

ନିକଟରେ ଭୁବନେଶ୍ୱରରେ ରହୁଥିବା ଜଣେ ସଫ୍ଟୱେର ଇଞ୍ଜିନିୟର ରବି ସିଂହ ଏହାର ଶିକାର ହୋଇ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହରାଇଥିଲେ। ସେ ଏକ ଡେଟିଂ ଅନଲାଇନ ଆପ୍ ମାଧମରେ ତାଙ୍କର ଜଣେ ତରୁଣୀଙ୍କ ସହ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ମଧରେ ନ୍ୟୁଡ଼ କଲ ଚାଲିଥିଲା। ଏହିପରିକି ଇଞ୍ଜିନିୟର ଜଣଙ୍କ ନ୍ୟୁଡ଼ ଫଟୋ ଓ ଭିଡ଼ିଓ ସେୟାର କରିଥିଲେ। ଏହାର କିଛି ଦିନ ପର ଏକ ଅଚିହ୍ନା ନମ୍ବରରୁ କଲ ଆସିଥିଲା ଓ ଠକ ବ୍ଲାକମେଲ କରିଥିଲା। ନ୍ୟୁଡ଼ ଫଟୋ ଓ ଭିଡ଼ିଓ ଭାଇରାଲ ହେବା ଭୟରେ ଇଞ୍ଜିନିୟର ଜଣଙ୍କ ଅର୍ଥ ଦେଇଥିଲେ। ପରେ ଅଧିକ ଅର୍ଥ ଠକ ଡିମାଣ୍ଡ କରିବାରୁ ଇଞ୍ଜିନିୟର ସାଇବର ଶାଖାରେ ଅଭିଯୋଗ କରିଥିଲେ।

ଆସନ୍ତୁ ଜାଣିବା କିପରି ରକ୍ଷା ପାଇ ପାରିବେ। ସୋସିଆଲ ମିଡ଼ିଆ କିମ୍ବା ଡେଟିଂ ଆପରେ ନିଜର ପର୍ସନାଲ ଡାଟା ଦିଅନ୍ତୁ ନାହିଁ। ଏଥିସହ ପ୍ରୋଫାଇଲ ପିକ୍ଚରରେ ପ୍ରୋଟେକ୍ସନ ଫିଚର ଅନ କରନ୍ତୁ। ଆପକୁ ସିଧାସଳଖ ସାଇଟରୁ ଡାଉନଲୋଡ଼ ନକରି ଗୁଗଲ ପ୍ଲେ ଷ୍ଟୋରରୁ ଡାଉନଲୋଡ଼ କରନ୍ତୁ। ଅନଲାଇନ ଡେଟିଂ କରୁଥିବା ପାର୍ଟନର ଉପରେ ଅନ୍ଧ ଭାବେ ବିଶ୍ୱାସ କରନ୍ତୁ ନାହିଁ। ଏ ବିଷୟରେ ପରିବାର ବର୍ଗଙ୍କୁ ଜଣାନ୍ତୁ ଏବଂ ପାର୍ଟନରଙ୍କ ପରିବାରଙ୍କ ସହ ସାକ୍ଷାତ କରନ୍ତୁ। ପାର୍ଟନରଙ୍କୁ ସାକ୍ଷାତ କରନ୍ତୁ। ସୋସିଆଲ ମିଡ଼ିଆ ମାଧମରେ କାହା ଉପରେ ବିଶ୍ୱାସ କରି ମନି ଟ୍ରାଞ୍ଜାକ୍ସନ କିମ୍ବା ଓଟିପି ସେୟାର କରନ୍ତୁ ନାହିଁ। ଡେଟିଂ ପାର୍ଟନରଙ୍କ ସହ ସାକ୍ଷାତ କରିବାର ଯୋଜନା ଥିଲେ ଏ ନେଇ ନିଜ ସାଙ୍ଗ, ପରିବାର ସଦସ୍ୟ କିମ୍ବା ଭାଇଭଉଣୀଙ୍କୁ ଜଣାନ୍ତୁ। ସର୍ବସାଧାରଣ ଗନ୍ତବ୍ୟ ସ୍ଥାନରେ ସର୍ବଦା। ଡେଟିଂ ପାର୍ଟନରକୁ ସାକ୍ଷାତ କରନ୍ତୁ। ଯଦି ସୋସିଆଲ ମିଡ଼ିଆରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ପୋଲିସକୁ ଜଣାନ୍ତୁ। ପାର୍ଟନରଙ୍କୁ କୌଣସି ପ୍ରକାରର ପର୍ସନାଲ ଫଟୋ କିମ୍ବା କୌଣସି ସାର୍ଟିଫିକେଟ ଦିଅନ୍ତୁ ନାହିଁ। ଯଦି ପାର୍ଟନର ବାରମ୍ବାର ପର୍ସନାଲ ଫଟୋ ଡିମାଣ୍ଡ କରୁଛନ୍ତି, ତେବେ ତାଙ୍କ ଠାରୁ ଦୂରେଇ ଯିବା ବୁଦ୍ଧିମାନର କାମ ହୋଇଥାଏ। କୌଣସି ପ୍ରସ୍ତାବରେ ପୂର୍ବରୁ ପାର୍ଟନର ଓ ତାଙ୍କ ସାଙ୍ଗ ପରିବାର ବିଷୟରେ ଭଲ ଭାବେ ଜାଣିନିଅନ୍ତୁ। ସୋସିଆଲ ମିଡ଼ିଆ କିମ୍ବା ଡେଟିଂ ଆପ ପାର୍ଟନର ଦେଉଥିବା ଅଜଣା ଲିଙ୍କ ଉପରେ କ୍ଲିକ କରନ୍ତୁ ନାହିଁ। ଏହା ଫିସିଙ୍ଗ ଆଟାକ ହୋଇପାରେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ଆମ ଜିଲ୍ଲା କ୍ୟାନସର ବିଭାଗ କେମିତି ଚାଲିଛି ?

**ସୁବ୍ରତ କର**



ଆମ ଜିଲ୍ଲାର ଭାଗ୍ୟ ଭଲ ଯେ ଜୁନ୍ ମାସ ୨୦୧୬ ମସିହାରେ ଜିଲ୍ଲା ମହକୁମା ଡାକ୍ତରଖାନାରେ ଏକ ଛୋଟ କ୍ୟାନସର ବିଭାଗ ସରକାରଙ୍କ ତରଫରୁ ଖୋଲା ହୋଇଥିଲା ଏବଂ ଏବେ ନିଶ୍ଚିତ ଭାବରେ ବେଶ୍ ଭଲ କାମ କିଛି କରିଚାଲିଛି। ଏହି ବିଭାଗରେ ଏବେ ଜଣେ କ୍ୟାନସର ଉପରେ ଅଭିଜ୍ଞତା ଥାଇ ଡାକ୍ତର ଅଛନ୍ତି ଏହାଛଡ଼ା ଦୁଇ ଜଣ ତାଲିମପ୍ରାପ୍ତ ନର୍ସିଂ ଅଫିସର ମଧ୍ୟ କାର୍ଯ୍ୟରତ। ମୋର ଏ ବିଷୟରେ ସୂଚନା ନେବାପାଇଁ ଦରକାର ମନେ କଲି, କାରଣ ଏହା ଉପରେ ବହୁତ କମ ଲୋକଙ୍କୁ ଜଣାଅଛି। ଏବେ ମୁଁ ଆପଣମାନଙ୍କ ଅବଗତ ଯାଇ ଜଣାଉଛି ଏହି ୟୁନିଟ୍‌ଟି କେମିତି ଚାଲିଛି। ବର୍ଷଃବିଭାଗରେ ଆଗତ ରୋଗୀଙ୍କ ସଂଖ୍ୟା।

୨୦୨୨-୨୩ : ୪୬୫୨
୨୦୨୩-୨୪ : ୪୦୫୬
୨୦୨୪-୨୫ : ୨୫୧୦ ଜଣ
(ଡିସେମ୍ବର ମାସ ସୁଦ୍ଧା)

ଏବେ ଦେଖିବା କେଉଁ ପ୍ରକାରର ରୋଗରେ କେତେ ରୋଗୀ ଆକ୍ରାନ୍ତ ଏବଂ ସେମାନଙ୍କ ମଧ୍ୟରୁ କେତେ ରୋଗୀ ଏହିଠାରେ ଚିକିତ୍ସିତ ହେଉଛନ୍ତି।

**୨୦୨୨-୨୩:**

ମୁହଁ, ମୁଣ୍ଡ ଏବଂ ଗଳା କେନସାରର ରୋଗୀଙ୍କ ସଂଖ୍ୟା-୩୬୪
ସବୁଠୁ ବେଶି ଏବଂ ମାରାତ୍ମକ ବ୍ରେଷ୍ଟ କ୍ୟାନସର-୧୩୬୫
ସାରଭିକେଲ କ୍ୟାନସର ରୋଗୀ- ୯୫
ଫୁସଫୁସ କ୍ୟାନସର-୧୧୧
ଜି.ଆଇ ବ୍ରେଷ୍ଟ - ୧୦୮୦
ଥାଇରଡ- ୧
ଅଭାରି- ୩୭୭
ଅନ୍ୟାନ୍ୟ-୧୨୫୯
ମୋଟ୍= ୪୬୫୨

୪୬୫୨ ରୋଗୀଙ୍କ ମଧ୍ୟରୁ ୧୧୨୮ ଜଣ କେମ ନେଇ ଚିକିତ୍ସିତ ହେଉଛନ୍ତି।

**୨୦୨୩-୨୪**

ମୁହଁ, ଗଳା ଏବଂ ମୁଣ୍ଡ - ୧୭୩
ବ୍ରେଷ୍ଟ କ୍ୟାନସର - ୧୧୯୦
ସାରଭିକେଲ - ୧୫୬
ଫୁସ୍‌ଫୁସ୍ - ୧୫୧
ଜି.ଆଇ ଟ୍ରେଟ୍ - ୮୪୯
ଅଭାରୀ - ୭୪୭
ଅନ୍ୟାନ୍ୟ - ୭୯୦
ମୋଟ୍ = ୪୦୫୬

ଏମାନଙ୍କ ମଧ୍ୟରୁ ୧୫୦୦ ରୋଗୀ କେମଥେରାପି ଦ୍ୱାରା ଚିକିତ୍ସିତ।

**୨୦୨୪-୨୫**
**(ଡିସେମ୍ବର ମାସ ସୁଦ୍ଧା)**

ମୁହଁ, ଗଳା, ମୁଣ୍ଡ - ୪୧୮୨
ବେଷ୍ଟ କ୍ୟାନସର - ୭୨୪
ସାରଭିକେଲ - ୧୧୮
ଫୁସଫୁସ୍ - ୧୪୫
ଜିଆର ଟ୍ରେଟ - ୬୪୪
ପ୍ରଷ୍ଟେଟ - ୪୮
ଅଭାରି - ୪୦୮
ଏନଏଚ - ୨୯
ଅନ୍ୟାନ୍ୟ - ୩୩୯
ମୋଟ୍ = ୨୫୧୦

ଏହି ୨୫୧୦ ରୋଗୀଙ୍କ ମଧ୍ୟରୁ ୯୫୯ ଜଣ କେମ ନେଇ ଚିକିତ୍ସିତ ହେଉଛନ୍ତି।

ଏହାକୁ ଛାଡ଼ିଦେଲେ ଆହୁରି କେତେ ରୋଗୀ ଚିକିତ୍ସିତ ହୋଇନପାରି ଗାଁ ଗହଳିରେ ମରିଯାଉଛନ୍ତି। ମୋର ଅନୁରୋଧ ବାଲେଶ୍ୱର ଯାଇ ନିହାତି କ୍ୟାନସର ଡାକ୍ତରଖାନାର ଆବଶ୍ୟକତା ରହିଛି। ସରକାର ଶୁଣିଲେ ହେଲା।

## କବିତା କୋଣାର୍କ

### ବାହା ହୋଇ ତୁମେ
**ଜୟନ୍ତ କୁମାର ମଲ୍ଲିକ୍**

ବାହା ହୋଇ ତୁମେ ଶାଶୁଘର ଗଲ
ଯେବେ ଆମ ଘର ଦେଇ -
ଲାଗୁଥିଲା ମତେ ତୁମ ସାଥେ ମୋର
କଳିଜା ଯାଉଛ ନେଇ,
ଛାତିରେ ମୋ ଭରି ଯାଇଥିଲା ଖାଲି
କୋହର ଅସରା ଭାବ -
ଗଭୀର ଦୁଃଖର ଲୁହ ଦରିଆରେ
ଭାସୁଥିଲା ମୋର ନାବ,
ଭୁଲି ଯାଇଥିଲି ଖାଇବା ପିଇବା
ମନ ଦେଇଥିଲି ମାରି -
ଭଲପାଇବାର ଜିତିବା ବାଜିକୁ
ଯାଇଥିଲି ପୁରା ହାରି,
ତୁମ ମୁହଁ ଏବେ ମୋ ନୟନେ ନାଚେ
ତୁମ ସ୍ମୃତି ମନେ ପଡ଼େ -
ତୁମ ବିରହରେ ଘାରି ହୁଏ ସଦା
ମୋ ଆୟୁଷ ପତ୍ର ଝଡ଼େ,
ତୁମ ହାତ ଲେଖା ଗୋଲାପି ଚିଠିକୁ
ପଢ଼େ ମୁଁ କବାଟ କିଳି -
ତୁମ କଥା ଭାବି ସପନରେ ନିତି
ହୁଅଇ ମୁଁ ବିଳି ବିଳି,
କାହିଁକି ଏମିତି କଲ କଳବଲ
ପାରୁନି ରହସ୍ୟ ଜାଣି -
ମୋ ମନ ବନର ପ୍ରୀତି କଦମ୍ବକୁ
କିମ୍ପାଇଁ ଦେଲ ଗୋ ହାଣି ?
ଝୁରି ଝୁରି ମୁଁ ଯେ କଣ୍ଟା ଶିରୀ ଏବେ
ତୁମ ପାଇଁ ହୋଇଲିଣି -
ହୀରାର ହାର ମୁଁ ହଜାଇ ଦେଲିଣି
ତୁମ ପାଇଁ ଥିଲି କିଣି।

+ଶୂରଡିହ,ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ:୯୪୩୭୮୬୫୭୨୭

### କଷାପିତା
**ଗଜାନନ ମିଶ୍ର**

ଉଠିବ, ଉଠିବ ତୁମେ
ଆଉ ଉଠିବି ମୁଁ।
ଉଠିବି ତଳୁ,
ଉଠିବି ପାତାଳୁ,
ରସାତଳୁ।
ଉଠିଲେ କହିବି
କୋଉଠି କେତେ
ସତମିଛ ଆଲୁ।
ଏତକି ଥାଉ,
ଆରଥର ଦେଖେଇବି
ଆତ୍ମଖଛରେ ଡାଳିମ୍ବ।
ଦେଖିଲେ ଚାଖିବ,
ଚାଖିଲେ କହିବ
କଷା ପିତା ଶିମ୍ବ।
କହିଲେ ଜାଣିବି
ଲମ୍ବା ଚୌଡା ମହାକାଶ
ପକ୍ଷୀର ହାତଛଡା।
ବିଶ୍ୱାସର ପକ୍ଷୀ
ଥାପେ ପାଦ,
ସକାଳ ଉପସ୍ଥିତ।
ଭାଇରାଲ ଅଣ୍ଡା
ଜର କଫ ପରି
ହାଜର ବସନ୍ତ।
ବସନ୍ତରେ ବଦଳେ
ଜୀବଅଜୀବ ସଭିଙ୍କ
ରଙ୍ଗ ରୂପ, ଦିଶେ
ସ୍ୱଷ୍ଟ ହସଖେଳ
ଦୂର ଦିଗବଳୟ।

+ତପୋବନ,
ଟିଟିଲାଗଡ-୭୬୭୦୩୩

### ମୋ ସାରସ୍ୱତ କ୍ଷେତ୍ରେ ତୁମେ
**ନିରଞ୍ଜନ ସାହୁ**

ତୁମ କଥା ଯଦି ଲେଖି ନ ପାରିଲି
ତୁମେ ସହଜରେ ରାଗ
ସେଥିପାଇଁ ମୁହିଁ ଡରିମରି କରି
ତୁମ କଥା ଲେଖେ ଆଗ ।

ଗଳପ ପୃଷ୍ଠାରେ ତୁମ ଆମ କଥା
ତୁମେ ତ ନାୟିକା ସାଜ
ସେ ଗପ ପଢିଲେ ନିଜକୁ ଜାଣିକି
ମିଛେ ହୁଅ ଲାଜଲାଜ
ସେତେବେଳେ ତୁମେ ବୁଝି ପାରିଥାଅ
ଆମ ପ୍ରେମ ପାଣିପାଗ ।

କବିତା ଦେହରେ କଲମ ମୁନରେ
ଅଙ୍କା ତୁମ ରୂପଛବି
ତାହା ପାଠକରି ମୋତେ କହିଥାଅ,
'ତୁମେ ଅଲାଜୁକ କବି
ତୁମ ପ୍ରେମିକାକୁ ନିର୍ଲ୍ଲଜ ଭାବରେ
କେମିତି ପୀରତି ମାଗ ?

ଉପନ୍ୟାସ ଅବା ନାଟକ ଲେଖିଲେ
ତୁମ କଥା ଖୋଲି ଲେଖେ
ବିସ୍ତାର ହୁଅଇ ତୁମରି ଚରିତ୍ର
ଯେମିତି ତୁମକୁ ଦେଖେ
ମୋ ଚରିତ୍ର ତହିଁ ଗୌଣ ହୋଇଥାଏ
ସର୍ବାଧିକ ତୁମ ଭାଗ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୮ ଜାନୁଆରୀ ୨୦୨୫, ମଙ୍ଗଳବାର

# କବିତାମାଳା

## ଚିତ୍ରିତ ପଣତ

### ଅଧ୍ୟାପକ ଶରତ କୁମାର ଦାସ



ଗୈରିକ ଗରିମା ଓ ଗୌରବର
ଶିରିପା ବାନ୍ଧି ଚିର ଚଳଚଂଚଳ
ମୋ' ମାଟିର ସ୍ଥୂଳ ଅବୟବ ।

କେଉଁ ଏକ ଅମୃତ ବେଳାରେ
ପତେଇ ଦେଇଛି ତା' ବିଶାଳ ଛାତିକୁ
ପରିବ୍ୟାପ୍ତ ଆକାଶର ନୀଳ ଛାତ ତଳେ,
ଝରିପଡେ ମୁଠା ମୁଠା ପୀୟୂଷର ଧାର
ମେଘର କୋରକରୁ ।

କେତେବେଳେ ମୁଠା ମୁଠା କଣ୍ଟାର
ଆଘାତରେ କ୍ଷତବିକ୍ଷତ ଲହୁଲୁହାଣ ତ
ଆଉ କେତେବେଳେ
ପେନ୍ଥା ପେନ୍ଥା ଫୁଲର ପାଖୁଡାରେ
ଚିର ସୁରଭିତ ଓ ଚିର ସୁଶୋଭିତ
ତା' ଚିତ୍ରିତ ପଣତ କାନି ।

ତା' ବିଶ୍ୱାସର ନାଭିକେନ୍ଦ୍ରରୁ ଗଜୁରି ଉଠେ
ଅନେକ କିମ୍ବଦନ୍ତୀର ପଦ୍ମନାଡ,
ଭୂ'ରୁ ଭୂମାକୁ ଛୁଇଁଯାଏ
ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱର ସୁରମ୍ୟ ମହକ
କେତେ ଚିତ୍ରପଟ
ଚିର ଦେଦୀପ୍ୟମାନ,
କେତେ ଐଶ୍ୱର୍ଯ୍ୟର ସ୍ୱର୍ଣ୍ଣିମ ଇତିହାସ
ଲିପିବଦ୍ଧ ପବନର ପାପୁଲିରେ ।

କେତେ ବିଶ୍ୱସନୀୟତାର ଚିତ୍ରିତ କାହାଣୀ
ଚିର ଧ୍ୱନିତ ଓ ଚିର ଶିହରିତ
ଜହ୍ନରାତିର ଜହ୍ନିଫୁଲିଆ ଛାତିରେ ।

ନଈ, ନାଳ, ପାହାଡ, ଝରଣା
କେତେ ଅଗମ୍ୟ ଗିରିଶୃଙ୍ଗ
ଅରଣ୍ୟର ଅପହଞ୍ଚ ମାଟି
ପ୍ରତି ପତ୍ରରେ ସବୁଜ ଝଙ୍କାର
ପ୍ରତି ଛତ୍ରରେ ଅନନ୍ତ ଆବେଗର ସମ୍ମୋହନ
ଅହର୍ନିଶ ମନ୍ତ୍ରମୁଗ୍ଧ ;
ଚିର ଅନାବୃତ ତା' ଚିତ୍ରିତ ପଣତକାନି
ମୁକ୍ତି-ମହାମୁକ୍ତିର ମହାପାର୍ବଣରେ ।

ଅପ୍ରାପ୍ତିର ନିର୍ଜନଦ୍ୱୀପରେ
କେତେ ସେ ଜଳିଛି, ତା'ର ଇୟତ୍ତା ନାହିଁ
ପୋଷପୋଷ ଗ୍ଲାନି ଓ ଅବସୋସକୁ
ଘୁଙ୍ଗୁର କରି ବାନ୍ଧିଛି ସରାଗେ
ତା' କଅଁଳ ପାଦରେ
କେତେ ଅନଟନ ଅଭାବବୋଧର
ପାହାଡୀ ଦୁଃଖକୁ
ଲାଉକରି ବୋହିଛି ତା' ଶୃଙ୍ଖଳା ପିଠିରେ ।

ଅନ୍ଧାରକୁ ଓଢଣିରେ ଢାଙ୍କି ଖୋଜିଛି ସେ
ସତେଜ ଆଲୋକର କନକ ପସରା ;
ପ୍ରୀତିର ତୂଳିରେ ଆଙ୍କିଛି ସେ
ପ୍ରତ୍ୟୟର ବିମୂର୍ତ୍ତ ମାନଚିତ୍ର
ଅମାବାସ୍ୟର ନିବୁଜ ଛାତିରେ ।

ତଥାପି ସରିନି ସଂଗ୍ରାମ
ହଟିନି ଅନ୍ଧାର, ଫାଟିନି ସିନ୍ଦୂରା
ଆହୁରି ଅନେକ ବାକି, ଅନେକ ଅଦୃଶ୍ୟ
ଜୀବନ-ମୃତ୍ୟୁର ମହାଘୂର୍ଣ୍ଣନରେ ।

ଏବେ ମୁକୁଳିବାର ବେଳ
ଛଞ୍ଚାଣର ଧାରୁଆ ପଞ୍ଝାରୁ
କୂଟଚକ୍ରର ଅନ୍ଧାରୁଆ ଆବଦ୍ଧ ପଂଜୁରି
ଗର୍ଭରୁ ।

ଉବୁଟୁବୁ ହେବାର ଏ ମାହେନ୍ଦ୍ର ମୁହୂର୍ତ୍ତ
ମହାସଂକଳ୍ପର ଉତ୍ତାଳ ଢେଉରେ,
ନୀଡଟିଏ ରଚିବାର ବେଳ
ମହାର୍ଘ ତୃଷାର ଲବଙ୍ଗଦ୍ୱୀପରେ,
ଅସୁମାରି ସ୍ୱପ୍ନର ରଙ୍ଗ ମାଖିବାର ଚିତ୍ରିତ
ସମୟ
ତା' ମଧୁସିକ୍ତ ପଣତ କାନିରେ ।।

❤ ବିଭାଗ ମୁଖ୍ୟ,
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କେବେ ଦେଖାହେବ ବନ୍ଧୁ !

### ରାହାସ କୁମାର ବେହେରା



କେବେ ଦେଖାହେବ ବନ୍ଧୁ ଭାବୁଛି ମନରେ
ଜୋଛନାର ମଧୁ ରଣେ ରାତ୍ରିର ବିଜନେ ।

ସପନର ଉପବନେ ଶୀତଳ ଛାଇରେ
ଝରୁଥିବା ଝରା ଫୁଲେ ଅବା ଏ ମହୀରେ ।

ତାରାଙ୍କର ଅଭିସାରେ ଆକାଶ ଛାତିରେ
ଟିପି ଟିପି କାକରର ଶୀତୁଆ ପ୍ରୀତିରେ ।

ସନ ସନ ପବନର ଅତୃପ୍ତ ଛୁଆଁରେ
ବର୍ଣ୍ଣାଢ୍ୟ ପରିଧିର ମାଦକତା ନାଆଁରେ ।

ଶବ୍ଦକୁ ଶବ୍ଦରେ ଛନ୍ଦି କାବ୍ୟ କବିତାରେ
ଜିଜ୍ଞାସାର ମିଠା ପର୍ବ ମିଳନ ଛିଟାରେ ।

ପ୍ରତୀକ୍ଷାର ଅନ୍ତରାଳେ ମୁରଲୀ ସ୍ୱନରେ
ରୁଣୁ ଝୁଣୁ ପାଉଁଜିର ନୃତ୍ୟର ତାନରେ ।

ଝର ଝର ଝରଣାର ଅବ୍ୟକ୍ତ ଭାବରେ
ସାଗରର ଅଭିବ୍ୟକ୍ତି ମିଳନ ସ୍ତବରେ ।

ବିଶ୍ୱାସରେ ଉଜ୍ଜୀବିତ ପ୍ରତୀକ୍ଷା ସଂସାରେ
ଚାରି ଚକ୍ଷୁର ଆସରେ ନିହିତ ଭାସ୍ୱରେ ।

ଭାବନାର ଅନ୍ତରାଳେ ମୁକୁତା ଝରାରେ
ଆସିବ ଗୋଲାପ ହସ୍ତେ ବାରତା ଦୁଆରେ ।

❤ ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ:୭୫୯୦୧୫
ମୋ : ୯୪୩୮୧୧୪୩୬୮



## ବିଦାୟ ବର୍ଷର କବିତା

### ପ୍ରଶାନ୍ତ କୁମାର ନାଥ



ବିଦାୟ ବର୍ଷର କବିତା ଲେଖୁଛି
ଆଖିରୁ ଝରାଇ ଲୁହ
ତୁମେ ସିନା ଦୂରେ ଚାଲିଯିବ ଛାଡିଦେ
କମିତି ଭୁଲିବୁ କୁହ ।

ଯାହା ଦେଇଅଛ ରଖିଛୁ ସାଇତି
ଏହି ଆମ ହୃଦୟେର
ସବୁଦିନ ପାଇଁ ସ୍ମୃତି ହୋଇ ଥିବ
ତୁମେ ଛାଡି ଗଲାପେର ।

ଦୁଃଖ ବି ଦେଇଛ ସୁଖ ବି ଦେଇଛ
ସବୁତ ନେଇଛୁ ତୋଳି
ତୁମେ ଗଲାପେର ନିଶ୍ଚୟ ତୁମକୁ
ଅମେ ତ ହୋଇବୁ ଭାଳି ।

କେତେ ସଫଳତା କେତେ ବିଫଳତା
ହାତେ ଆଣି ଧରାଇଛ
ଆନନ୍ଦ ଲହରୀ ଖେଳାଇଛ ପୁଣି
ଭେୟ ପୁଣି ଥରାଇଛ ।

ଯାତନା ଯନ୍ତ୍ରଣା ଦେଇଛ ଅେନକେ
ଦଇଛ ସୁଖ ସମୃଦ୍ଧି
ଆଘାତ ବ୍ୟାଘାତ କେତେ କରାଇଛ
ଧନ ରତ୍ନ ଆୟ ବୃଦ୍ଧି ।

ଆସିଥିଲ ତୁମେ କେତେ ଆଶା ନେଇ
ଯାଉଛ ଆଜି ଦୂରେଇ
ତୁମ ସାଥେ ଥିବା ଅଭୂଲା ଅତୀତ
ଥିବ ସବୁଦିନ ପାଇଁ ।

❤ ସୁନ୍ଦରପୁର,
ଉତ୍ତରକୂଳ ହାଟ୍, ପ୍ରୀତିପୁର,
ଯାଜପୁର-୭୫୫୦୧୩୮
ମା-୮୩୧୦୩୨୮୩୪୫

## ସୁର ତରଙ୍ଗିଣୀ

### ବେଣୁଧର ସୂତାର



ଧୂର୍ଜଟି ଜଟା ମଣ୍ଡିତା ମୁଁ ଗଙ୍ଗା
ବିଷ୍ଣୁ ପଦ ସୃତ ସୁରଧୁନୀ
ତ୍ରିପଥ ଗାମିନୀ ପୀୟୂଷ ପ୍ଲାବିନୀ
ଗତିଶୀଳା ଏକ ଯାଜ୍ଞସେନୀ ।।

ବିଷ୍ଣୁପଦୀ ମୁଁ ଯେ ବିଷ୍ଣୁପଦରୁ
ଅବତରୀ ଆସି ଧରାତଳ
ଚିରନ୍ତନୀ ମୁହିଁ ଚିନ୍ମୟୀ ନଈ
ଦୁର୍ବାର ଗତି ମୋ ଚିରକାଳ ।।

ଦୁର୍ଗମ ପଥ ଚାରିଣୀ ମୁଁ ସଦା
ଅତଳେ ବିତଳେ ମହୀ ବକ୍ଷେ
ସ୍ୱର୍ଗରୁ ଆସି ମୁଁ ବହୁଛି ଧରାରେ
ଜୀବାତ୍ମା ମୁକ୍ତିର ମହାଲକ୍ଷ୍ୟେ ।।

ଭୂଦେବୀର ମୁଁ ଯେ ମାନସ କନ୍ୟା
ଭୂମା ଠାରୁ କେବେ ନୁହେଁ ଭିନ୍ନ
କରୁଣା ସଲିଳ ବିତରି ବିତରି
ଆୟୁଷ ହୋଇନି କଦା କ୍ଷୁର୍ଣ୍ଣ ।।

ପବିତ୍ର ସଲିଳା ଲାବଣ୍ୟ ମଞ୍ଜୁଳା
ଏ ଧୂଳି ଧରଣୀ ବିପୁଳ ଅଙ୍ଗେ
ସ୍ନେହ ସଞ୍ଚିତ ଅନ୍ତର ମୋହର
ଦିବ୍ୟରୂପା ଦୟାମୟୀ ମୁଁ ଗଙ୍ଗେ ॥

କେତେମରୁପଥେ ଭରିଦେଇଛି ମୁଁ
ଜୀବନର ମୁଗ୍ଧ ମାଧୁରିମା
ଚିର ବତ୍ସଳା ମୋ ଉପକୂଳ ଧାରେ
ସୃଜନରେ ଭରା ସବୁଜିମା ।।

ପୂତ ପୟୋଧାରେ ହରିମୁଁ ନେଇଛି
ଏ ମାଟି ମଣିଷ କ୍ଲେଶ କଳୁଷ
ମନ୍ଦାକିନୀ ମୁଁ ଯେ ମନ୍ଦ୍ର ଗାମିନୀ
ତୋଷଦାନେ ଭବ ଆଶୁତୋଷ ।।

ବନ୍ଧନ ଏଡାଇ ବନ୍ଧୁର ପଥେ ମୁଁ
ଜଗତେ ଦେଖାଏ ମୁକ୍ତି ମାର୍ଗ
ମୃତ୍ୟୁଞ୍ଜୟା ମୁହିଁ ମର୍ତ୍ତ୍ୟରେ ବହୁଛି
ତ୍ୟାଗ କରି ସୁଖ ଭୋଗ ସ୍ୱର୍ଗ ।।

ଅନେକ ସ୍ମୃତିର ଅଭିଲେଖ ଲେଖି
ମୋ ପବିତ୍ର ପୂତ ପୟୋଧାରେ
ଚିର ଅମଳିନ ଅଭିଯାନ ପଥେ
ବହୁଥାଏ ମୁହିଁ ନିର୍ବିକାରେ ।।

ସଦା ବନ୍ଦିତା ମୁଁ ଅଭିନନ୍ଦିତା
ପାପ ବିମୋଚନୀ ଦୁଃଖ ହାରିଣୀ
ଦୀନ ଦୁର୍ଗତର ଦୁର୍ଗତି ନାଶିନୀ
ସ୍ନେହ ମମତାର ତପଷ୍ଟାରିଣୀ ।।

ତ୍ରିତାପ ନାଶିନୀ ପତିତ ପାବନୀ
ମୋକ୍ଷ ଓ ମୁକ୍ତିର ଜନନୀ ଗଙ୍ଗା
ଧୂଳି ସରଗର ଜୀବନ ଜାହ୍ନବୀ
ସର୍ବାର୍ଥ ସାଧିକା ଶକ୍ତିରେ ରଙ୍ଗା ।।

❤ କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ସ୍ମୃତି

### ରଜନିକାନ୍ତ ରାଉଳ



ତୁମେ ଗଲାପରେ ଶୀତୁଆ ସନ୍ଧ୍ୟାଟା
ଲାଗୁନାହିଁ ଆଉ ଭଲ
ସକାଳ କୁହୁଡି ଖୋଜଇ ତୁମକୁ
କାହିଁ ଛାଡି ଦେଇ ଗଲ ।

ତୁମେ ଗଲାପରେ ଗାଁ ଆମ୍ବ ତୋଟା
ଯାଇଛି ନିସ୍ତବ୍ଧ ହୋଇ
କୋଇଲି ଯେ ଆଉ ଗାଉନାହିଁ ଗୀତ
ନିରବ ତୁମରି ପାଇଁ ।

ତୁମେ ଗଲାପରେ ମାନୁନାହିଁ ଆଉ
ଅମାନିଆ ଏଇ ମନ
ସକାଳଠୁ ସଞ୍ଜ ଖୋଜଇ ତୁମକୁ
ଦେବାକୁ ହୃଦୟେ ସ୍ଥାନ ।

ତୁମେ ଗଲାପରେ ଜୀବନଟା ମୋର
ନିରବୀ ଯାଇଛି ଆଜି
ଫେରିଆସ ଥରେ ପାଖକୁ ମୋହର
ଖୁସିରେ ଯାଆନ୍ତି ହଜି !!

❤ ଜୁଣଗଡି, ରାଜନଗର,
କେନ୍ଦ୍ରାପଡା

## ଜୀବନ

### ବାସନ୍ତୀ ଗିରି



ସମୟର ସ୍ରୋତ ଭସାଇ ନେଇଛି ଆଜି
କେତେ ସ୍ମୃତି ଆଉ କେତେ ଅନୁଭୂତି
ପୁଣି ଲୁହରେ ପାହିଛି କେତେ ଜର୍ଜରିତ
ରାତି....

ବୟସ ପାହାଚ ଶିଖାଇଛି କେତେ
ଶିଖିଛି ଅଳପ ଏବେବି ଅନେକ ବାକି,
କେତେ ମୁଁ ବୁଝିଲି, ବୁଝି ନପାରି ମୁଁ
ଏବେ ବି ଅବୁଝା ଅଛି.....

ଝୁଣ୍ଟି ପଡି ଉଠି ଚାଲି ମୁଁ ଶିଖିଛି
ଗାଳି ଖାଇ ଖାଇ କଥା ମୁଁ କହିଛି,
କ'ଣ ଯେ ଶିଖିଲି, ଶିଖି ନପାରିଲି
ଠିକ କଥା କହି....

କେତେ ମୁଁ ଅପ୍ରିୟ ହୋଇଛି....

ଜୀବନଟା ସତେ କେତେ ଯେ ଜଟିଳ
କେବେ ସଂଜ୍ଞା ମିଳେ, କେବେ ଯେ ବିହୀନ
ଜୀବନ ଗଣିତ...
କେବେ ହୁଏ ପୁଣି ଶୂନ.....

❤ କେଉଁଝର

## ଶବ୍ଦ

### ସୁଧାଂଶୁ ଶେଖର ଦ୍ୱିବେଦୀ



ଶବ୍ଦ ଧ୍ୱନି ତରଙ୍ଗ
ବର୍ଣ୍ଣର ସାର୍ଥକ ମେଳାପ
ଅନ୍ତକରଣର ଅନୁଭୂତି
ମଧୁର କବିତାର ଗୀତ ।

ଶବ୍ଦ ସମ୍ପର୍କର ଅବଲମ୍ବନ
ଆପଣାତ୍ୱର ଆଧାରଶୀଳା
ହର୍ଷ-ବିଷାଦର ଅଭିବ୍ୟକ୍ତି
ମନର ସୁଖଦ ଭାବ ।

ଶବ୍ଦ କଳ୍ପନାର ନୀଳ ଆକାଶ
ଯଥାର୍ଥତାର ଅଭିଜ୍ଞାନ
ଭାବନାର ଶ୍ରେଷ୍ଠ ନିଧି
ବିଚାରଧାରାର ପ୍ରବାହ ।


ଶବ୍ଦ କଟୁତାର କାରକ
ରାଗ-ଦ୍ୱେଷର ନିମିତ୍ତ
ପ୍ରେମ-ପ୍ରତାରଣାର ସ୍ୱୀକୃତି
ସ୍ନେହ-ସାରାଗର ପର୍ଯ୍ୟାୟ ।

ଶବ୍ଦ ଆତ୍ମୀୟତାର ପ୍ରତୀକ
ମୈତ୍ରୀର ଅତୁଟ ବନ୍ଧନ
ବ୍ୟକ୍ତି ବିଶେଷର ପରିଚୟ
ବ୍ୟକ୍ତିତ୍ୱର ମାନ-ସମ୍ମାନ ।

❤ ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ-୯୬୮୧୩୭୩୫୧୨

## ଜହ୍ନ ଓ କଇଁ

### ଡାଃ ମନୋରଂଜନ ଦାଶ



ଜହ୍ନ ପାଇଁ କଇଁ ତୁ କାନ୍ଦେନା
କାନ୍ଦିଲେ ବି ସମୟ ତା ବିଝେନା ।।

ସମୟ ନିଷ୍ଠୁର ଅମାନିଆ ସ୍ୱର
ଦୁଃଖ ଦେଇ ସେ କରିଦିଏ ଅଧିର
ତୁ ମୋ ପାଇଁ, ମୁଁ ତୋ ପାଇଁ
କିଏ ଆମକୁ ଦୂରେଇ ପାରେନା ।।

ଅନ୍ଧାର ଅଟେ ଆମ ପାଇଁ କ୍ଷଣିକ
ତାକୁ ଭୋଗିବା ମନେଭରି ପୁଲକ
ସଂପର୍କ ନୁହେଁ କ୍ଷଣିକ
ତା ସତ୍ୟ, କାଳକାଳକ
ମୋ ରାଣ ! ଆଉ ଅବୁଝା ହୁଅନା ।।

❤ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ ଜି : କେନ୍ଦ୍ରାପଡା
ମୋ -୯୪୩୭୩୧୭୭୨୨

## କବି କିଏ ?

### ଅପର୍ଣ୍ଣା ବେହେରା



ତୁମେ ପଚାରୁଥିଲ ନା ?
କବି କିଏ ?
ତେବେ ଶୁଣ, କବି ସିଏ...
ଯିଏ ଈର୍ଷା ଦ୍ୱେଷ ଠାରୁ ଦୂରରେ ରୁହେ ।
କୃତଘ୍ନ ନହେଇ କୃତଜ୍ଞ ହୁଏ ।
ଉଦାର ହୁଏ, ବିନୟ ହୁଏ ।
କବି ସିଏ...
ଯିଏ ଶାନ୍ତ୍ୱନା ଦିଏ ।
ପ୍ରଶାନ୍ତିର ମହୁ ପିଏ ।

କବି ପ୍ରତିଦ୍ୱନ୍ଦ୍ୱୀ ସାଜେ ନାହିଁ ।
ଫୁଲ କଢି ତୋଳେ ନାହିଁ ।
କବି ଫୁଲକୁ ପ୍ରେମ କରେ ।
ଗଛରେ ପାଣି ଦିଏ ।
ଫଳର ସ୍ୱାଦ ନିଏ ।
କବି ପ୍ରେରଣାର ଉତ୍ସ ହୁଏ ।

ବଢୁଥିବା ପାଦକୁ
ଶିକୁଳିରେ ବାନ୍ଧେନାହିଁ କବି ।
ରାସ୍ତାରୁ କଣ୍ଟା ସଫାକରେ ।
ଦିଗ ସୂଚାଏ, ବାଟ ଦେଖାଏ ।
କବି,
ତା' ଆତ୍ମ ସନ୍ତୋଷ ପାଇଁ କଲମ ଧରେ ।

ବିନା ପ୍ରହାରରେ କନ୍ଦେଇପାରେ କବି
ବିନା ପ୍ରୟାସରେ ହସେଇପାରେ କବି ।
ମର ଶରୀରରେ ପ୍ରାଣ ସଞ୍ଚାର ବି କରେ
ଶୂନ୍ୟ ଅଗଣାରେ ମଙ୍ଗଳ କାମନା ବି କରେ ।

କବି ସେ ସବୁକିଛି କରେ
ଯାହା ମଣିଷ ପାଖରେ ଅସାଧ ।
କବି ସେ ସବୁକିଛି ସହେ
ଯାହା ପଥର ପାଇଁ ବି ଅସହ୍ୟ ।

କବି ଦୁର୍ଲଭ କାମକୁ ସୁଲଭ କରେ
ଅସମ୍ଭବକୁ ସମ୍ଭବ କରେ ।
ଜହ୍ନ ତାରା ସହ ବାଗୁଡି ଖେଳେ
ଅନ୍ଧାର ରାତିରେ ସନ୍ଧାନ କରେ
କବି,
ତା' ହାତ ପାହାନ୍ତାରେ କବିତା ଧରେ ।

❤ ଠିକଣା- ଧରଣୀଧର
ବିଶ୍ୱବିଦ୍ୟାଳୟ, କେନ୍ଦୁଝର
ମୋ-୬୩୭୧୫୦୫୧୦୭

## ପଲିଥିନ୍ ଘର

### ଅନସୂୟା ପଣ୍ଡା



ପଲିଥିନ୍ ଘର ପରି ସ୍ୱପ୍ନ ତା'ର
ତାକୁ ଧରି ଦୌଡେ ଅବୋଧ ଭାବେ
ସାମର୍ଥ୍ୟଠାରୁ ଅଧିକ କରେ
ଭାଂଗିପଡେ ରାତିରେ ଅଧୁରା କଥାରେ
କେତେ ପାଉଚ ମଦର ଝଡ଼ରେ ।

ପଲିଥିନ୍ ଘର ପରି ସ୍ୱପ୍ନ ତା'ର
କେତେ ଥର କହିଲିଣି ଛାଡିଦେ
ସେ ଅସୁଜନ ପରିବାରକୁ ତୋ'ର
ପେଟ ଚାଖଣ୍ଡେ ରହିବନି ଭୋକରେ
ବର୍ତ୍ତିଯିବୁ ସବୁ ମାଡ଼ ଗାଳିରୁ
ମାତାଲ ସ୍ୱାମୀର ଅପୋହନରୁ

ସକାଳ ପରି ସରଳ ସେ
ହସିଦେଇ କହେ ବିକଳ୍ପ ନାହିଁ
ବାସ୍ତବତାର ଶିକୁଳିରେ ବନ୍ଧା
ଏ ଉଠାପକା ଅଭାବୀ ଜୀବନ
ଟାଳିବାକୁ ଗରିବର ଚାରା କାହିଁ ?

ପଲିଥିନ୍ ଘର ପରି ସ୍ୱପ୍ନ ତା'ର
ଦୁଇକୂଳରେ ଅହିତ ବନ୍ୟାର କରାଳ
ଉଜାଡୁଥାଏ ଝପଟି କୂଳ କିନାରା
ଘାଇଲାଥାଏ ରାତିର ରଙ୍ଗରେ
ନିଶାଡିଙ୍କ କଦର୍ଯ୍ୟ ଖଳୋକ୍ତିରେ
ସେମାନେ ତ ରକ୍ତବୀଜ ବଂଶସମ୍ଭୂତ ।

❤ ବୁର୍ଲା, ସମ୍ବଲପୁର
ମୋ: ୮୩୨୮୯୪୫୮୮୫

## ବାହାଃରେ ଭାରିଯା ବାହାଃ

### ଶିଶିର କୁମାର ପଣ୍ଡା



ବୁଢ଼ା ବୟସରେ ଭାରିଯା ଆଣିଲି
ଗୋଡ଼ରେ ଘଷିବ ତେଲ
ସିଏତ ଗାଆଁର ଟୋକାଙ୍କ ସାଙ୍ଗରେ
ଏବେଠୁ ହେଲାଣି ଗେଲ ।
ଦିଅଣ୍ଡା ଧରମ ଭାଇ ସେ କରିଛି
ସଞ୍ଜରେ ପିଆଏ ଚାହା
ବୟସ ଗଲେବି ସବୁ ମୁଁ ବୁଝୁଛି
ବାହାଃରେ ଭାରିଯା ବାହାଃ ।

ପକୁଡ଼ି ଛାଣିକି ଖୋଉଛି ସଭିଙ୍କୁ
ଝାଡ଼ିଦେଇ ବିଟ ଲୁଣ
ସୁନ୍ଦରୀ ବୋଲିକି ଘରକୁ ଆଣିଲି
ଜାଣି ତା' ନଥିଲି ଗୁଣ ।

ହାତରେ ଧରିକି ମୋବାଇଲି ସିଏ
ଛାତରେ ବସୁଛି ଗପି
ଲୁଚିକି ଦେଖିଲି ଗପୁଗପୁ ସିଏ
ଫୋଅନକୁ ଦିଏ ପପି ।
ଶୁଣିଲି ସେଦିନ କହୁଛି କାହାକୁ
ବୁଢ଼ାଟା କାମକୁ ନୁହେଁ
ଶୋଇଗଲା ପରେ ଘରକୁ ଆସିବ
ମଉଜ କରିବା ଦୁହେଁ ।
ଏଇକଥା ଶୁଣି ନିଦ ଆସୁନାହିଁ
ଉଜାଗରେ କଟେ ରାତି
କାହିଁକି ଆଣିଲି ଯୁବତୀ ଭାରିଯା
କରତି ହେଉଛି ଛାତି ।

❤ କୁଆଁସ, ମେରଦା କାଟିଆ, ଯାଜପୁର
ମୋ: ୮୯୮୧୭୩୭୨୨୮

# ଦେଶଭକ୍ତିର ଉତ୍ସାହ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ୭୬ତମ ଗଣତନ୍ତ୍ର ଦିବସ ପାଳିତ



ରାଉରକେଲା, ୨୭/୧ (ନି.ପ୍ର): ଦେଶଭକ୍ତିର ଉତ୍ସାହ ମଧ୍ୟରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସପି) ୭୬ ତମ ଗଣତନ୍ତ୍ର ଦିବସ ପାଳନ କରିଛି। ଇସ୍ପାଟ ଷ୍ଟାଡିୟମରେ ଆୟୋଜିତ ଉତ୍ସବରେ ୨୦୦୦ ରୁ ଅଧିକ ଛାତ୍ର ଏବଂ ଆରଏସପି କର୍ମଚାରୀ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ହଜାର ହଜାର ରାଉରକେଲା ସାକ୍ଷୀ ରହିଥିଲେ। ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବା ପରେ ପରେଡ ଯାଞ୍ଚ କରିବା ସହ ଜିଆନଙ୍କ ସ୍ୱରକୁ ନେଇ ଏକ ଆକର୍ଷଣୀୟ ପଦଯାତ୍ରାରେ ଅଭିବାଦନ ଗ୍ରହଣ କରିବା ପରେ ଆରଏସପି ନିର୍ଦ୍ଦେଶକ ଇନ-ଚାର୍ଜ ଶ୍ରୀ ଆଲୋକ ଭର୍ମା ଏହି ଉତ୍ସବକୁ ଅନୁକରଣ କରିଥିଲେ। ୫୭ ଟି କଣ୍ଟିଜେଣ୍ଟ୍ ଦ୍ୱାରା ଜ୍ୟୋତି ପବ୍ଲିକ୍ ସ୍କୁଲ୍ ବ୍ୟାଣ୍ଡ। ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ସ୍କାଉଟ୍ସ, ଗାଇଡ୍, କମ୍ପିଟ୍ ଏବଂ ସିଭିଲ୍ ଟ୍ରୁପ୍, ଆରଏସପିର ଫାୟାର ସର୍ଭିସେସ୍, ନର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ ଏବଂ ସେଲ୍ ହକି ଏକାଡେମୀ ସମେତ ସିଏସ୍ଏଫ୍ ର ଟ୍ରୁପ୍ ଚମତ୍କାର ମାର୍ଚ୍ଚ ଅତୀତରେ ରଙ୍ଗ ଯୋଡିଥିଲା। ଦିଲ୍ଲୀ ପବ୍ଲିକ୍ ସ୍କୁଲର ଛାତ୍ର ଦଳ ଜାତୀୟ ସଂଗୀତ ଉପସ୍ଥାପନ କରିଥିଲେ। ଏହି ତେଜିରେ ଶ୍ରୀ ରତନ କୁମାର, ଡିଜି, ସିଏସ୍ଏଫ୍ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ରାଉରକେଲାଙ୍କୁ ଉଓଉ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭେଚ୍ଛା ଜଣାଇଛି। କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦ, ୧୨ ବର୍ଷୀୟ ବାଜି ରାଉତ୍ ଠାରୁ ଆରମ୍ଭ କରି ଦେଶର ପ୍ରତୀକାତ୍ମକ ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ଓଡିଶାର ମହାନ ପୁତ୍ର ଓ ଯବଙ୍କଶଷପ୍ତରକ୍ସର୍ବ୍ଧି ଅଙ୍କ ଅପୂର୍ବ ବଳିଦାନ ଏବଂ ଉତ୍ସର୍ଗୀକୃତତାକୁ ମନେ ପକାଇ ଉଓଉ ସମସ୍ତ କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କୁ ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲା। ସେ ସେମାନଙ୍କର ବଳିଦାନକୁ ବିଶ୍ୱର ୫ଷ୍ପଷ ମ ବୃହତ୍ତମ ଅର୍ଥନୀତି ହେବାକୁ ଭାରତର ଯାତ୍ରା ପାଇଁ ମୂଳଦୁଆ ବୋଲି ଦର୍ଶାଇଥିଲେ। ୨୦୨୪ ରେ କ୍ୟାଲେଣ୍ଡର ବର୍ଷରେ ଉଲ୍ଲେଖନୀୟ ସଫଳତା ପାଇଁ ଉଓଉ ଜଝଚ ର ପ୍ରତ୍ୟେକ କର୍ମଚାରୀ ଏବଂ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛି ଯେଉଁଥିରେ ରେକର୍ଡ, ନୂତନ ମାନଦଣ୍ଡ ଏବଂ ନୂତନ ଉତ୍ପାଦ ଉତ୍ପାଦ ବାସ୍କେଟକୁ ସମୃଦ୍ଧ କରିଛି।

ଆସନ୍ତୁ ଆମର ଭବିଷ୍ୟତ ବିଷୟରେ କଳ୍ପନା କରିବା - ଆଜି ଆମେ କେଉଁଠାରେ ଠିଆ ହେବା ଏବଂ ଆସନ୍ତାକାଲି କେଉଁଠାରେ ରହିବାକୁ ଲକ୍ଷ୍ୟ ରଖିଛୁ ବୋଲି ଶ୍ରୀ ଭର୍ମା। ତାଙ୍କ ଶେଷ ଭାଷଣରେ କହିଛନ୍ତି। ବାର୍ଷିକ ଉତ୍ପାଦନ ୯ ନିୟୁତ ଟନ୍ ଅତିକ୍ରମ କରିବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ କରିବା ପାଇଁ ବର୍ତ୍ତମାନ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ସମ୍ପ୍ରସାରଣ କାରଖାନାର କ୍ଷମତାକୁ ଦ୍ୱିଗୁଣିତ କରିବ ଏବଂ ଏହି ଅଞ୍ଚଳରେ ପ୍ରଗତି ଏବଂ ସମୃଦ୍ଧତା ଆଣିବ। ଏହି ଦୃଷ୍ଟିକୁ ବାସ୍ତବରେ ପରିଣତ କରିବା ପାଇଁ ଶ୍ରୀ ଭର୍ମା ସମସ୍ତଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ।

ଡିଆଇସି ସିଏସ୍ଏଫ୍ ପର୍ସନାଲ, ଜବାହର ପୁରସ୍କାର, ଆରଏସପି ଗ ବଙ୍କକ୍ସ ରବ ପୁରସ୍କାର ଏବଂ ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ପୁରସ୍କାର ପାଇଁ ଆଡି ଉତ୍କଳ ଏବଂ ଉତ୍କଳ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲା। ସେକ୍ଟର -୨୨ ମିନି ଷ୍ଟାଡିୟମରେ ମଧ ସମାନ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଶ୍ରୀ ଭର୍ମା ଜାତୀୟ ପତାକା ଉତ୍ତୋଳନ କରିଥିଲେ, ପରେଡ ଯାଞ୍ଚ କରିଥିଲେ ଏବଂ ୪୨ ଟି କଣ୍ଟିଜେଣ୍ଟ ଦ୍ୱାରା ଉପସ୍ଥାପିତ ରଙ୍ଗୀନ ପଦଯାତ୍ରାରେ ଅଭିବାଦନ ଗ୍ରହଣ କରିଥିଲେ। ଗଣତନ୍ତ୍ର ଦିବସ ପରେଡର ଶ୍ରେଷ୍ଠ କଣ୍ଟିଜେଣ୍ଟମାନଙ୍କୁ ସେ ପୁରସ୍କାର ମଧ ପ୍ରଦାନ କରିଥିଲେ। ଉ ୦,୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ମଧ ଡିସିଆଇ ଘୋଷଣା କରିଛି। ୧୦,୦୦୦ / - ସୁନ୍ଦର ମାର୍ଚ୍ଚ ଅତୀତ ପାଇଁ ଗୁରୁ ଗୋମକି ସନ୍ଥାଲି ବିଦ୍ୟାଳୟଙ୍କୁ ଏବଂ ଶ୍ରୀ ଗାନ୍ଧୀ ବାଲ ଉଚା ବିଦ୍ୟାଲାଇଙ୍କ ପାଇଁ ଏକ ବିଶେଷ ପୁରସ୍କାର। ଇସ୍ପାଟ ଇଂରାଜୀ ମଧ୍ୟମ ବିଦ୍ୟାଳୟର ବ୍ୟାଣ୍ଡ ପ୍ଲାଟୁନ୍, ସେକ୍ଟର -୨୨ ମଧ ଏହି କାର୍ଯ୍ୟକ୍ରମରେ ସେମାନଙ୍କର ସୁନ୍ଦର ଥିମିକ୍ ଟ୍ୟୁନ୍ ପାଇଁ ପୁରସ୍କୃତ ହୋଇଥିଲା। ଏହି ଅବସରରେ ଡିଆରଏସରେ ସିନିୟର କମାଣ୍ଡାଣ୍ଟ ଶ୍ରୀ ଅଶୋକ ଜାଲଓ୍ୱାନିଆ ଉପସ୍ଥିତ ଥିଲେ।

# ବଡ଼ସାହି ବ୍ଲକ୍‌ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ

ବଡ଼ସାହି, ୨୭/୧ (ନି.ପ୍ର): ଜାତୀୟ ଦିବସ ପାଳନ କମିଟି, ସୌଜନ୍ୟରୁ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉ: ପ୍ରା: ବିଦ୍ୟାଳୟ ପ୍ରାଙ୍ଗଣରେ ବଡ଼ସାହି ବ୍ଲକ୍ ସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଅଛି। ଜାତୀୟ ଦିବସ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ରଣଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଉତ୍ସବର କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତିର ଅଧକ୍ଷା ଶ୍ରୀମତୀ ମିନତି ସିଂ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉନ୍ମୋଚନ କରି ଆମ ସମ୍ବିଧାନଠାରୁ ପବିତ୍ର ଗ୍ରନ୍ଥ ଦୁନିଆରେ ଆଉ କିଛି ନାହିଁ ବୋଲି ନିଜ ଉଦ୍‌ବୋଧନ ମାଧ୍ୟମରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ଼ସାହି ପଞ୍ଚାୟତ ସମିତିର ଉପାଧକ୍ଷ କାଞ୍ଚନ କୁମାର ପ୍ରଧାନ, ବିଡିଓ ବନଜା ଦାସ, ତହସିଲଦାର ପତିତପାବନ ଦେବତା ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ ସ୍ଥାନୀୟ ଥାନା ଓ ଅଗ୍ନିଶମ ବିଭାଗର ପଦାଧିକାରୀ, ଓଏଭିର ଅଧକ୍ଷା ଦେବୀ ପ୍ରତିମା ଜେନା, ବଡ଼ସାହି ସରକାରୀ ଉ: ପ୍ରା: ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଖା ଦଣ୍ଡପାଟ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା, ଜାତୀୟ ଦିବସ ପାଳନ କମିଟିର ବରିଷ୍ଠ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ବଙ୍କିମ ବିହାରୀ ପାତ୍ର, ସୁବାସିନୀ ପତି, ମାନବ ଅଧିକାର ମିଶନ, ବଡସାହିର ସଭାପତି ସୁବୋଧ କୁମାର ଦଣ୍ଡପାଟ, ପ୍ରାକ୍ତନ ବ୍ଲକ୍ ଚେୟାରମେନ୍ ମନୋରଞ୍ଜନ ବଳା ଆଦି ମଞ୍ଚାସୀନ ଥିଲେ। ଜାତୀୟ ପତାକା ଉନ୍ମୋଚନ ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅଂଶଗ୍ରହଣକାରୀ ଦଳ ନିରୀକ୍ଷଣ ପ୍ରକ୍ରିୟା ସମାପନ ପରେ ଅଂଶଗ୍ରହଣକାରୀ ଦଳମାନଙ୍କ ଦ୍ୱାରା ସମୂହ ପ୍ୟାରେଡ୍ ପ୍ରଦର୍ଶନ ଓ ଅଭିବାଦନ ଜ୍ଞାପନ ହୋଇଥିଲା। ବିଭିନ୍ନ ବିଦ୍ୟାଳୟମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ୟାରେଡ୍ ରେ ସିନିଅର ବିଭାଗରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବଡ଼ସାହି, ଜୁନିଅର ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବଡ଼ସାହି, ବାଳିକା ଓ ସବ୍ ଜୁନିଅର ବିଭାଗରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହିର ପ୍ରାଥମିକ ବିଭାଗ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡ଼ସାହି ବିଜୟ ଲାଭ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ସହଶୈକ୍ଷିକ ବିଷୟ ଭିତ୍ତିକ ପ୍ରତିଯୋଗିତା ମାନଙ୍କର ତଥା ଅଦ୍ୟ ଅନୁଷ୍ଠିତ ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୁରସ୍କାର ଓ ପ୍ରମାଣ ପତ୍ର ବିତରଣ ପ୍ରକ୍ରିୟାକୁ ସଦସ୍ୟ ସନ୍ତୋଷ କୁମାର ବିଶ୍ୱାଳ ଓ ଦେବରାଜ ନାୟକ ସଞ୍ଚାଳନ କରିଥିଲେ। ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହା ସଦସ୍ୟ କୃପାସିନ୍ଧୁ ବେରାଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ମଞ୍ଚ କାର୍ଯ୍ୟକ୍ରମକୁ ସଦସ୍ୟ ଶଚୀନ୍ଦ୍ର କୁମାର ବିଶ୍ୱାଳ ଓ ଲଳିତ କୁମାର ମହାନ୍ତି ସଞ୍ଚାଳନ କରିଥିଲେ। ସେହିପରି ବଡ଼ସାହି ଗାନ୍ଧୀ ଛକ ସ୍ଥିତ ପତାକା ପୀଠରେ ତହସିଲଦାର ପତିତପାବନ ଦେବତା ପତାକା ଉନ୍ମୋଚନ କରିଥିଲେ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଦ୍ୱାରା ୭୬ତମ ଗଣତନ୍ତ୍ର ଦିବସ ପାଳିତ



ବାଲେଶ୍ୱର, ୨୭/୧ (ନି.ପ୍ର): ରାଜ୍ୟ ସରକାରୀ ସଂଘ କାର୍ଯ୍ୟାଳୟ ପରିସରରେ ୭୬ତମ ଗଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଅଛି। ସଂଘର ସଭାପତି ଇଂ. ବନମାଳୀ ନାୟକ ଜାତୀୟ ପତାକା ଉତ୍ତୋଳନ ପରେ ସଂଘର ବୈଠକ ଗୃହରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ। ଉପସ୍ଥିତ ଥିବା ସଂଘର ପୂର୍ବତନ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଗଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ଓ ଆମମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଗୌରାଙ୍ଗ ଚନ୍ଦ୍ର ପାତ୍ର, ପ୍ରାଧ୍ୟାପକ ଭାଗବତ ଦଳାଇ ଏହି ଦିବସର ପ୍ରାକ୍ ଅବସ୍ଥା ଓ ସମ୍ବିଧାନର ବୈଶିଷ୍ଟ୍ୟ ସମ୍ବନ୍ଧରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣାକର ଦେ ଓ ଜ୍ଞାନେନ୍ଦ୍ର ସାହୁ, ଦିପ୍ତିଲତା ଦାସ, ଗୀତାଞ୍ଜଳି ଶତପଥୀ ଓ ନରେଶ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଯୁଗ୍ମସମ୍ପାଦକ ସୁଦର୍ଶନ ଦାସ ବକ୍ତବ୍ୟ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ବୀରେନ୍ଦ୍ର ମହନ୍ତ, ଅର୍ଥ ସମ୍ପାଦକ ଦାମୋଦର ନାୟକ, ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ନାଥ ଚୌଧୁରୀ, ପ୍ରାକ୍ତନ ସମ୍ପାଦକ ବସନ୍ତ ନାୟକ, ଅନ୍ୟତମ ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ ମଞ୍ଚାସୀନ ଥିଲେ। ବୈଠକରେ ଶରତ କୁମାର ବିଶ୍ୱାଳ, ମୀନା ସେଠୀ, ଯଦୁନାଥ ସାହୁ, ରବିନାରାୟଣ ବେହେରା, ଇଂ. ଶ୍ରୀରାମ ପ୍ରସାଦ ଦାଶ, ପୂର୍ଣ୍ଣଚନ୍ଦ୍ର ସିଂ, ନିଆସି ଚରଣ ଜେନା, ଅଜୟ କୁମାର ନାୟକ, ଡ. ରମେଶ ଚନ୍ଦ୍ର ରାଉତ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଜ୍ୟୋସ୍ନା ରାୟ, ଭବେଶ ଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ପଣ୍ଡା, କେଶବ ଚନ୍ଦ୍ର ମହାନ୍ତି, ବୀରେନ୍ଦ୍ର ପ୍ରହରାଜ, ଭାଗୀରଥୀ ମହାନ୍ତି, ପ୍ରକାଶ ମହାପାତ୍ର, ଡ. ସୁଦର୍ଶନ ସାହୁ, ଶତ୍ରୁଘ୍ନ ପଣ୍ଡା, ଅକ୍ଷୟ ତ୍ରିପାଠୀ, ଡ. ପ୍ରଶାନ୍ତ କୁମାର ଦାସ, ଶଚୀନ୍ଦ୍ର ଦାସ, ପ୍ରତିମା ପଣ୍ଡା, ବେଣୁଧର ପାଳ, ପ୍ରଣିତା ମିଶ୍ର, ଅକ୍ଷୟ କର, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଆସନ୍ତା ତା ୦୨-୦୨-୨୦୨୫ ରିଖରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଗାନ୍ଧୀସ୍ମୃତି ଭବନରେ ପାଳନ ହେଉଥିବାରୁ ସଂଘର ସମସ୍ତ ସଦସ୍ୟ ସଦସ୍ୟା ଓ ଜିଲ୍ଲାର ସମସ୍ତ ଶାଖା ସଂଘର କର୍ମକର୍ତ୍ତାଙ୍କୁ ଉପସ୍ଥିତ ହେବାପାଇଁ ସଂଘ ତରଫରୁ ସଭାପତି ଓ ସମ୍ପାଦକ ନିବେଦନ କରିଛନ୍ତି।

# ରେମୁଣା ଗୋଲେଇର ୬ଷ୍ଠ କୋଶମ୍ବ ମେଳା ଫେବୃଆରୀ ୨,୩ ଓ ୪ରେ



ରେମୁଣା, ୨୭/୧ (ନି.ପ୍ର): ବାଲେଶ୍ୱରର ରେମୁଣା ଗୋଲେଇ ଠାରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ଦ୍ୱାରା ସରସ୍ୱତୀ ପୂଜା ଅବସରରେ ଆୟୋଜିତ କୋଶମ୍ବ ମେଳାରେ ଚଳିତ ବର୍ଷ ଏକ ଥିମେଟିକ ବା ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଆଧାରିତ ସରସ୍ୱତୀ ମୂର୍ତ୍ତି ପୂଜା ପାଇଁ ପରିଷଦ ସିଦ୍ଧାନ୍ତ ନେଇଛନ୍ତି। ବିଶିଷ୍ଟ ଶିଳ୍ପୀ କେଶୁ ଦାସ ଦ୍ୱାରା ପ୍ରସ୍ତୁତ ସରସ୍ୱତୀ ମୂର୍ତ୍ତିର ଲେଆଉଟ ବା ପ୍ରସ୍ତାବିତ ଡିଜାଇନ/ ନକ୍ସା ପରିଷଦ ଦ୍ୱାରା ଗୃହିତ ହୋଇଅଛି। ଏହି ସରସ୍ୱତୀ ମୂର୍ତ୍ତିକୁ ବିଜ୍ଞ, ସାହିତ୍ୟିକ, ବୁଦ୍ଧିଜୀବୀ ତଥା ଆବାଳ ବୃଦ୍ଧବନିତାକୁ ଆକୃଷ୍ଟ କରିବ ବୋଲି ନୂଆ ବାଲେଶ୍ୱର ଉନ୍ନୟନ ପରିଷଦର କର୍ମକର୍ତ୍ତା ଆଶା ପୋଷଣ କରିଛନ୍ତି। ବାଲେଶ୍ୱରର କଳା, ସଂସ୍କୃତି ଓ ସାହିତ୍ୟର ଅସ୍ମିତାକୁ ଗୁରୁତ୍ୱ ଦିଆଯାଇ ଏକ ନୂତନ ଧରଣର ସରସ୍ୱତୀ ମୂର୍ତ୍ତି ପୂଜା ପାଇବ। ଏହି ମୂର୍ତ୍ତିରେ ବାଲେଶ୍ୱରର କଳା, ସଂସ୍କୃତି ଓ ସାହିତ୍ୟକୁ ଗୁରୁତ୍ୱ ଦେଇ ଫକୀରମୋହନ, ରେବତୀ, ବହି, ଜଉକଣ୍ଢେଇ ଇତ୍ୟାଦିକୁ ସୁନ୍ଦର ଓ ଆକର୍ଷଣୀୟ ଭାବରେ ସମାବେଶ କରାଯିବ ବୋଲି ଶିଳ୍ପୀ ଦାସ ଜଣାଇଛନ୍ତି। ପ୍ରାୟତଃ ବାଲେଶ୍ୱରର ବ୍ୟୟବହୁଳ ମୂର୍ତ୍ତି ପୂଜା ପରମ୍ପରାରେ ମୂର୍ତ୍ତି, ମଣ୍ଡପ, ଶବ୍ଦ ଓ ଆଲୋକ ମାଧ୍ୟମରେ କୌଣସି ସାମାଜିକ ବାର୍ତ୍ତା ବା ଶିକ୍ଷାର ଆଭାସ ମିଳେ ନାହିଁ। ଏହି ଧାରାବାହିକ ଧାରାରେ କିଛି ନୂତନତ୍ୱ ଆଣିବା ପାଇଁ ପ୍ରୟାସ କରୁଛି ବୋଲି ଶିଳ୍ପୀ କେଶୁ ଦାସ କହିଛନ୍ତି। ଏଥିରେ ମୂର୍ତ୍ତିରେ ବିଭିନ୍ନ ପ୍ରକାରର ମ୍ୟାଟେରିଆଲସ୍ ବ୍ୟବହାର କରାଯିବାର ପ୍ରସ୍ତାବ ରହିଛି। ବାଲେଶ୍ୱରର ମୂର୍ତ୍ତି ପୂଜା ପରମ୍ପରା ମାଧ୍ୟମରେ ସମାଜକୁ ବାର୍ତ୍ତା ଦେବା ସହ ପୂଜା ପରମ୍ପରାର ଆସ୍ଥା ଓ ବିଶ୍ୱାସ କୁ ସମ୍ମାନ ଦିଆଯିବ ବୋଲି ପରିଷଦର କର୍ମକର୍ତ୍ତା ମାନେ ଦୃଢ଼ତା ପ୍ରଦାନ କରିଛନ୍ତି। ଏହି ମୂର୍ତ୍ତିକୁ ବାଲେଶ୍ୱରର ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରଯୋଜନା କରିବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। କୋଶମ୍ବ ରାଜା ଭାବରେ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଓ କୋଶମ୍ବ ଯୁବରାଜ ଭାବରେ ଡ଼ କୁମାର ଗୋପାଳ, ସର୍ବେଶ୍ୱର ଜେନା ଅବତିର୍ଣ୍ଣ ହେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ତିନିଦିନିଆ କୋଶମ୍ବ ମେଳାରେ ପ୍ରତିଦିନ ସନ୍ଧ୍ୟାରେ ଓଲିଉଡର ବିଶିଷ୍ଟ ଗାୟକ ଗାୟିକା ଅର୍ପିତା ଚୌଧୁରୀ, କୌସିକ କୁମାର, ଏମ୍ ଜିତୁ, ଦୀପ୍ତିମୟୀ ପାଢ଼ୀ, ଜୁନିୟର ରତୁରାଜ ଦ୍ୱାରା ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟା ଉଦଘାଟନୀ ସନ୍ଧ୍ୟାରେ ନନ୍ଦକିଶୋର ଦାସ ଓ କେଶୁ ଦାସଙ୍କର ସନ୍ତୁର ଓ ବାଲୁକା ଚିତ୍ରର ଜୀବନ୍ତ ଯୁଗଳ ବନ୍ଦୀ। କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ଆଜି ସନ୍ଧ୍ୟାର ଚୁଡ଼ାନ୍ତ ବୈଠକରେ ସିଦ୍ଧାନ୍ତ ନିଆ ଯାଇଛି। ବିଗତ ବର୍ଷ ପରି ସରସ୍ୱତୀ ପୂଜା ଅବସରରେ ରେମୁଣା ଗୋଲେଇର ୬ଷ୍ଠ କୋଶମ୍ବ ମେଳା ଆସନ୍ତା ଫେବୃଆରୀ ୨,୩ ଓ ୪ ତିନିଦିନ ଧରି ବହୁ ଆକର୍ଷଣୀୟ ଓ ଧୁମଧାମରେ ନୂଆ ବାଲେଶ୍ୱର ଉନ୍ନୟନ ପରିଷଦ ଦ୍ୱାରା ଆୟୋଜନ କରାଯିବ। ପରିଷଦର ସଭାପତି ଭଗବାନ ଦାସ ଖଣ୍ଡେଲଓ୍ୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମସ୍ତ ସଦସ୍ୟ ସଦସ୍ୟା ଓ ଗ୍ରାମବାସୀଙ୍କ ଆଲୋଚନା କ୍ରମେ ଚୁଡାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ସହ ସମ୍ପାଦକ ଜୟକୃଷ୍ଣ ସାହୁ, ସଦସ୍ୟ ମନୋଜ ନାୟକ ଓ ସୁବାସ ଦାସଙ୍କ ପରିଚାଳନାରେ ଓଡ଼ିଶାର ବିଶିଷ୍ଟ ଓ ଲୋକପ୍ରିୟ ଗାୟକ ଗାୟିକା ଦ୍ୱାରା ସାଂସ୍କୃତିକ ସନ୍ଧ୍ୟା, ଉପସଭାପତି ରବିନ୍ଦ୍ର କୁମାର ଜୈନ ଓ ସୋମନାଥ ବିଶ୍ୱାଳଙ୍କ ନେତୃତ୍ୱରେ ନେତୃସ୍ଥାନୀୟ ଗଣ୍ୟମାନ୍ୟ ଓ ବିଜ୍ଞ ବ୍ୟକ୍ତିଙ୍କ ନେଇ ସଭାକାର୍ଯ୍ୟ, କୋଷାଧ୍ୟକ୍ଷ ମୁରଲୀଧର ଦାଶ ଓ ଦେବେଶ ରଞ୍ଜନ ପ୍ରମାଣିକଙ୍କ ଦ୍ୱାରା ମୀନା ବଜାର ଓ ମେଳା କୁ ଆକର୍ଷଣୀୟ କରିବା, କମଳ ବିହାରୀ ଦାସ ଓ ଉମାକାନ୍ତ ବେହେରାଙ୍କ ଦ୍ୱାରା ଅତିଥି ଅଭ୍ୟର୍ଥନା, ହରିହର ଦାସ ଓ ଚନ୍ଦ୍ରଶେଖର ପରିଡ଼ାଙ୍କ ଦ୍ୱାରା ତିନିଦିନ ଖେଚୁଡ଼ି ବଣ୍ଟନ, ରତିକାନ୍ତ ବେହେରା, ମନୋଜ ସାହୁ, ଉମେଶ ଚନ୍ଦ୍ର ଦତ୍ତ ଓ ବିଶ୍ୱନାଥ ରଣା ଶାନ୍ତି ଶୃଙ୍ଖଳା ଦାୟିତ୍ୱ ବହନ, ଡ଼ ରାମଚନ୍ଦ୍ର ମାଝି ଓ ପଞ୍ଚାନନ ବେହେରା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ଜୟନ୍ତୀ ଓ କବିତା ପାଠ ଓ ଉନ୍ମୋଚନ କାର୍ଯ୍ୟକ୍ରମ ପରିଚାଳନା ଓ ଇ ଗୋପାଳ ଦାସ ଓ ରତିକାନ୍ତ ଦାସ ସରସ୍ୱତୀ ପୂଜା କାର୍ଯ୍ୟ ସମ୍ପାଦିତ କରିବେ ବୋଲି ପରିଷଦ ସିଦ୍ଧାନ୍ତ ନେଇଛନ୍ତି। ଏହି ବୈଠକରେ ଆଇନ ପରାମର୍ଶଦାତା କରୁଣାକର ମହାନ୍ତି, ଦେବାଶିଷ ରାଉଳ, ଅଭିଷେକ, ଦେବାଶିଷ ସାହୁ, ଦମୟନ୍ତୀ ବାଗ ପ୍ରମୁଖ ଯୋଗଦେଇଛନ୍ତି। ମେଳାକୁ ସରସ, ସୁନ୍ଦର, ସହଯୋଗ ଓ ସଫଳ କରିବା ପାଇଁ ପରିଷଦ ନିବେଦନ କରିଛନ୍ତି।

# ‘ପ୍ରତିଶ୍ରୁତି’ର ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ



ବାରିପଦା, ୨୭/୧ (ନି.ପ୍ର): ଦୀର୍ଘ ୪୩ବର୍ଷ ଧରି ମୟୂରଭଞ୍ଜର ବାରିପଦାରୁ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ପତ୍ରିକା "ପ୍ରତିଶ୍ରୁତି"ତରଫରୁ ଏକ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍‌ଭାବନା ସଭାଗୃହଠାରେ) ଏକ ମନୋଜ୍ଞ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ-ଜିଲ୍ଲାପାଳ ଡ.ଦୟାସିନ୍ଧୁ ପରିଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ମିଶ୍ର ଓ ଶରତ କୁମାର ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁଗାୟିକା ସୁଶ୍ରୀ ଭାରତୀ ଦେବର୍ତା ଜଗନ୍ନାଥଙ୍କ ଭଜନ ଅତି ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ। "ପ୍ରତିଶ୍ରୁତି"ର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତାର ଧର୍ମ ବାସ୍ତବିକ ଆନନ୍ଦ ଦାନ ବୋଲି କହିଥିଲେ। କବି ଜୀବନର ଅନୁଭୂତିକୁ ପ୍ରକାଶ କରିବାପାଇଁ ଯାଇ ଅପରୂପକୁ ରୂପ ଦିଏ ଓ ଅବ୍ୟକ୍ତକୁ ବ୍ୟକ୍ତ କରେ ବୋଲି କହିବା ସହିତ ଉପସ୍ଥିତ ସମସ୍ତ ସାରସ୍ୱତ ସାଧକ ଓ ସାଧିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ଅତିଥି ଡ.ପରିଡା ତାଙ୍କ ଅଭିଭାଷଣରେ ସାହିତ୍ୟ ବାସ୍ତବିକ ସମସ୍ତଙ୍କୁ ଏକାଠି କରିବାର ବାର୍ତା ପ୍ରଦାନ କରିଥାଏ ତଥା ସତ୍ୟ ଓ ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ କବିତା ସମସ୍ତଙ୍କ ଦ୍ୱାରା ଆଦୃତ ହୁଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଶ୍ରୀଯୁକ୍ତ ନାୟକ ଓ ଶ୍ରୀଯୁକ୍ତ ମିଶ୍ର "ପ୍ରତିଶ୍ରୁତି" ପ୍ରତିଷ୍ଠାନର ବହୁଭାଷୀ କବି ସମ୍ମିଳନିର ଆୟୋଜନକୁ ପ୍ରଶଂସା କରିବା ସହିତ ବିଦ୍ୟାଳୟ ମାନଙ୍କରେ ଏ ପତ୍ରିକା ପିଲାମାନେ ପଢିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସ ଓ ପୁଷ୍ପଲତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଓଡିଆ ହିନ୍ଦୀ, ମୁଣ୍ଡାରି, ସାନ୍ତାଳୀ, ହୋ ଓ ଇଂରାଜୀ ପ୍ରଭୃତି ବିଭିନ୍ନ ଭାଷାରେ କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ପାଣିଗ୍ରାହୀ ପ୍ରଥମେ ମଂଚ ଆହ୍ୱାନ କରିଥିବା ବେଳେ ପରିଶେଷରେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଅରବିନ୍ଦ ଶିକ୍ଷା ନିକେତନରେ ୧୭ ତମ ବାର୍ଷିକ ଉତ୍ସବ ପାଳିତ



ଜଳେଶ୍ୱର ୨୭/୧(ନିପ୍ର) ବାଲେଶ୍ୱର ଜିଲ୍ଲାଜଳେଶ୍ୱର ବ୍ଲକ୍ ରାଇବଣିଆର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ଥିବା ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ପକ୍ଷରୁ ୧୭ ତମ ବାର୍ଷିକ ଉତ୍ସବ ପାଳିତ। ଏହି ଉତ୍ସବ ରେ ବିଦ୍ୟାଳୟ ର ଅଧକ୍ଷ ଗଣପତି ଶୁକ୍ଲ ବିବରଣୀ ପାଠ କରିଥିଲେ ଓ ବିଦ୍ୟାଳୟରସଭାପତି ଗଙ୍ଗାଧର ଦାସ୍ ଉପସ୍ଥିତ ରହି ଶୋଭା କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ମୁଖ୍ୟ ବ୍ୟକ୍ତା ଭାବେ ଓଡ଼ିଶା ଓଷ୍ଟ। ସଙ୍ଗରସଭପତି ପୂର୍ବତନପ୍ରଧାନ ଶିକ୍ଷକ ଶରତ କୁମାର ଘୋଷ ଏବଂ ମୁଖ୍ୟ ଅତିଥି ଭାବେ ହାତିଗର୍ଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଭୀଷ୍ମ ପରିଡା ମହୋଦୟ ବିଦ୍ୟାଳୟର ସମ୍ପାଦକ ଶଙ୍କର ଘୋଷ, ସମ୍ମାନୀତ ଅତିଥି ସକାଳ ଖବକାଗଜର ସାମ୍ବାଦିକ ଅଶ୍ରୁ ମୋଚନ ଘୋଷ, ଧରିତ୍ରୀ ଖବର କାଗଜର ସାମ୍ବାଦିକ ନବୀନ କୁମାର ସାହୁ, ଅରୁଣପଣ୍ଡା, ମନୁ ଦାସ ପ୍ରମୁଖ ଯୋଗ ଦେଇ ପିଲାମାନଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ କିପରି ପିଲାମାନେ ଭଲ ମଣିଷଟିଏ ହୋଇ ଦେଶର ନାମକୁ ଉଜ୍ଜଳ କରିବା ସହିତ ପିତା ମାତା ଓ ଗୁରୁଜନ ମାନଙ୍କର ଏକ ଧନ୍ୟର ପାତ୍ର ହୋଇ ପାରିବେସେ ନେଇ କୁନି କୁନି ପିଲା ମାନଙ୍କୁ କହିଥିଲେ ଦେଇଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ଅର୍ଚ୍ଚନା ଘୋଷ ଓ ପରେ ବିଦ୍ୟାଳୟ ର ଆୟଜିତ କ୍ରୀଡ଼ା ର ବିଭିନ୍ନ ବିଭାଗ ଉତ୍ତୀର୍ଣ୍ଣ ହେଇଥିବା ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିବା ସହିତ ସମସ୍ତ ଅଥିତି ମାନଙ୍କୁ ପୁଷ୍ପ ଗୁଚ୍ଛ ସହିତ ଉତ୍ତରୀୟ ଦେଇ ସମ୍ମାନୀତ କହିଥିଲେ।

# ଶୃଙ୍ଖଳିତ ଆଚରଣ ହିଁ ବିଦ୍ୟାର୍ଥୀଙ୍କୁ ମହାନ୍ କରି ତୋଳି ଉଠେ

ରୂପସା, ୨୭/୧ (ନି.ପ୍ର): ପୋଡାଡିହା ରୂପସା ସ୍ଥିତ ବୀଣାପାଣି ଶିଶୁ ମନ୍ଦିର ପରିସରରେ ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ବିକ୍ରମ କୁମାର ଜେନା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ରାଜ୍ୟ ସଂପାଦକ ଶ୍ରୀ ଯୁକ୍ତ ଯୋଗେନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳିତ ଆଚରଣ ବିଦ୍ୟାର୍ଥୀଙ୍କ ଜୀବନରେ ମହାନ୍ କରି ତୋଳି ଉଠେ। ଶିକ୍ଷାପ୍ରତି ସର୍ମପଣ ଭାବ ଏବଂ ମହତଲକ୍ଷ୍ୟ ରଖିବା ଦିଗରେ ଛାତ୍ର ଛାତ୍ରୀ ମାନେ ନିଜର ପ୍ରୟାସ ଜାରି ରଖିବା ଦରକାର। ପରିଚାଳନା ସମିତି ସଦସ୍ୟ ଶ୍ରୀ ଯୁକ୍ତ ଭିକାରୀ ଚରଣ ମିସ୍ତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଦସ୍ୟ ଶ୍ରୀ ଯୁକ୍ତ ସୁଧାକର ଗିରି ଅତିଥି ପରିଚୟ ରଖିଥିଲେ। ରାଇକମା ସତ୍ୟସାଇ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ଅଜିତ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ ସହ ଶିକ୍ଷାରେ ଅଧବସାୟ ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ବରଦା ପ୍ରସନ୍ନ ପଟ୍ଟନାୟକ, ହଳଦୀପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସଂପାଦକ ଶ୍ରୀ ଯୁକ୍ତ କ୍ଷୀତିଶ କୁମାର ଜେନା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବୀଣାପାଣି ଶିଶୁ ମନ୍ଦିରର ସମ୍ପାଦକ ଶ୍ରୀ ଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ମଧ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ସଂସ୍କୃତ ପଣ୍ଡିତ ଶ୍ରୀ ଯୁକ୍ତ ନିରଞ୍ଜନ ପଣ୍ଡା ଶର୍ମାଙ୍କୁ ଅନୁଷ୍ଠାନ ତରଫରୁ ଶିକ୍ଷକ ଗୌରବ ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ଶେଷରେ ଜିଲ୍ଲା ସ୍ତରୀୟ ଓ ରାଜ୍ୟ ସ୍ତରୀୟ ମେଧାବୃତ୍ତି ପରୀକ୍ଷାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୁରୁମା ଶ୍ରୀ ମତୀ ଯାଜ୍ଞଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଗୁରୁମା ଶ୍ରୀ ମତୀ ସବିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରୋବୋଟିକ ଫାୟାର ଫାଇଟିଙ୍ଗ ୟୁନିଟ ଉଦ୍‌ଘାଟନ

ଜୟପୁର, ୨୭/୧ (ନି.ପ୍ର): ରୋବୋଟିକ ଫାୟାର ଫାଇଟିଙ୍ଗ ୟୁନିଟ ଦୁଇ ଚକିଆ ଅଗ୍ନି ନିବାପକ ଯାନ, ନୁଆଁ ଚାରି ଚକିଆ କ୍ୱିଇକ ରେସପୋନ୍ସ ଭେଇକର୍ଲ, ଟାଟାର ୩ ହଜାର ଲିଟର ପାଣି ଟାଙ୍କି ବିଶିଷ୍ଟ ମିନି ଏମଏଫଇ ରବିବାର ଉଦଘାଟନ ହୋଇଛି। ଜୟପୁର ଦମକଳ କେନ୍ଦ୍ର ରେ ଜୟପୁର ଉପ ଜିଲାପାଳ ଆକା ବରମ ଶଶ୍ୟା ରେଡ୍ଡି ଉଦଘାଟନ କରିଛନ୍ତି। ଅତ୍ୟାଧୁନିକ ଗାଡି ସବୁ ଲୋକ ସେବାରେ ଲାଗିବ। ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ସବ୍ୟ ସାଚି ଜେନା, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଲେଇ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଏସଡିପିଆରଓ ଯୋଶଦା ଗାଦବା, ଆସିଷ୍ଟାଣ୍ଡ ପାୟାର ଅଫିସର ସୁରେଶ କୁମାର ବାରିକ ସହ ଦମକଳ କେନ୍ଦ୍ରର କର୍ମଚାରି ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ୧୫ତମ ଜାତୀୟ ମତଦାତା ଦିବସ ପାଳିତ



ଭଦ୍ରକ , ୨୭/୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୧୫ତମ ଜାତୀୟ ମତଦାତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସହକାରୀ ଜିଲ୍ଲାପାଳ, ନିର୍ବାଚନ ସାଗରିକା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି ଦିବସ ଭିତ୍ତିକ ସମସ୍ତ କାର୍ଯ୍ୟକ୍ରମକୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏବଂ ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରବେଶ ପଥ ନିକଟସ୍ଥ ଆଇ ଲଭ ପଏଣ୍ଟ ରେ ଆୟୋଜିତ ଆକର୍ଷଣୀୟ ପୁଷ୍ପ ପ୍ରଦର୍ଶନୀକୁ ଫିତାକାଟି ଅତିଥି ମାନେ ଉଦ୍‌ଘାଟନ କରି ପତାକା ପ୍ରଦର୍ଶନ ପୂର୍ବକ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ହୃଦାନନ୍ଦ ଦାସ, ପୌରପାଳିକା ନିର୍ବାହୀ ଅଧିକାରୀ ତାପସ କୁମାର ସାମଲ, ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭୋଟର ସଚେତନତା ଉଦ୍ଦେଶ୍ୟରେ ପଦଯାତ୍ରାରେ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ ପୂର୍ବକ ବିଭିନ୍ନ ସ୍ଲୋଗାନ ମଧ୍ୟ ପ୍ରଦାନ କରାଯାଇଥିଲା। ସମସ୍ତେ ପଦଯାତ୍ରାରେ ଜିଲ୍ଲା କାର୍ଯ୍ୟାଳୟରୁ ଟାଉନ୍‌ହଲ ପର୍ଯ୍ୟନ୍ତ ଯାଇ ସେଠାରେ ଆୟୋଜିତ ରଙ୍ଗୋଲି, ସେଲଫି ପଏଣ୍ଟ ଓ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଦିବସ ପାଳନର କାର୍ଯ୍ୟସୂଚୀ ଅନୁଯାୟୀ ଶହିଦ ସ୍ମୃତି ଭବନର ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଭୋଟ ଦେବା ସମସ୍ତ ଭୋଟର ମାନଙ୍କର ରାଜନୈତିକ ଅଧିକାର। କାହାରି ପ୍ରଲୋଭନରେ ନ ପଡ଼ି ଭୋଟ ଦେବା ଉଚିତ ନୁହେଁ। ମତଦାନ ହିଁ ଗଣତନ୍ତ୍ର ଆତ୍ମା ବୋଲି ଅତିଥିମାନେ ବକ୍ତବ୍ୟ ଜରିଆରେ ପ୍ରକାଶ କରିଥିଲେ। ଜିଲ୍ଲାର ସମୁଦାୟ ୧୩୨୬ ବୁଥ୍ ରୁ ଉଲ୍ଲେଖନୀୟ ସଫଳତା ପାଇଁ ୫ଟି ବୁଥ୍‌ର ବି.ଏଲ୍.ଓ. ମାନଙ୍କୁ ପୁରସ୍କୃତ କରାଯାଇଥିଲା। ୫ ଜଣ ଏ.ଇ.ଆର୍.ଓ ଭଦ୍ରକ ବି.ଡି.ଓ. ସୀତାକାନ୍ତ ରାଉତ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର ଓ ତହସିଲଦାର ଜୟଦ୍ରଥ ଆଗର୍ଯ୍ୟ, ଭଦ୍ରକ ପୌରପାଳିକାର ପୂର୍ବତନ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଟାଏକୋଣ୍ଡ କ୍ରୀଡ଼ାରେ ସଫଳତା ଓ ଅଂଶଗ୍ରହଣ ପାଇଁ ୫ ଜଣ କ୍ରୀଡ଼ା ପ୍ରତିଭା ଓ ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଚୁନ ମାରୁଛନ୍ତି, ଅନଲାଇନ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ଇନଫର୍ମେସନ ଟେକ୍ନୋଲୋଜି ଆକ୍ଟ ୨୦୦୦ରେ ସୋସିଆଲ ମିଡ଼ିଆ ଓ ଡେଟିଂ ଆପ ନିୟନ୍ତ୍ରଣ କରୁଥିବା ଆଇନ ରହିଛି। ଏହି ଅଧିନିୟମ ଭାରତରେ ସାଇବର ଅପରାଧ ଏବଂ ବୈଦ୍ୟୁତିକ ବାଣିଜ୍ୟ ସହ ଜଡ଼ିତ ବିଷୟବସ୍ତୁ ରହିଛି। ସେହିପରି ଅନଲାଇନ ଲଭ ଫ୍ରଡ଼ ମାମଲାରେ ଇନଫର୍ମେସନ ଟେକ୍ନୋଲୋଜି ଆକ୍ଟ ୨୦୦୦ର ଦାରା ୬୬-ଏ ଅନୁଯାୟୀ ଯଦି କୌଣସି ବ୍ୟକ୍ତି ଇଣ୍ଟରନେଟ ବ୍ୟବହାର କରି ଆପତ୍ତିଜନକ କିମ୍ବା ଧମକପୂର୍ଣ୍ଣ ବାର୍ତ୍ତା ଦେଲେ, ତାଙ୍କୁ ଜେଲ ଦଣ୍ଡ ହୋଇପାରେ। ଆଇପିସିର ଧାରା ୩୫୪ (କ) ଏବଂ ଧାରା ୩୫୪ (ଘ)ରେ ମହିଳାଙ୍କ ପ୍ରତି ଗାଳିଗୁଲଜକୁ କିମ୍ବା ଅଶ୍ଳୀଳ ଇଙ୍ଗିତ କରିବା ଏକ ଦଣ୍ଡନୀୟ ଅପରାଧରେ ସାମିଲ କରାଯାଇଛି। ଏଥିରେ ଦୋଷୀକୁ କଠୋର କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦଣ୍ଡ ଦିଆଯାଇପାରେ।

ଆଜିକାଲି ଅଧିକାଂଶ କେବଳ ଯୁବକ ଯୁବତୀ ନୁହେଁ ବୟସ୍କ ବ୍ୟକ୍ତିମାନେ ଇଣ୍ଟରନେଟରେ ସମୟ କାଟୁଥିବାରୁ ବାସ୍ତବ ବନ୍ଧୁ ଅପେକ୍ଷା ଅଧିକ ଅନଲାଇନ ବନ୍ଧୁ କରୁଛନ୍ତି। ନିଜର ମନର କଥା ସବୁ ଆଉ ଗୋପନୀୟ ନରଖି ସୋସିଆଲ ମିଡ଼ିଆରେ ପୋଷ୍ଟ କରୁଛନ୍ତି ।ଏହାର ଫାଇଦା ନେଇଥାନ୍ତି କିଛି ଅସାମାଜିକ ବ୍ୟକ୍ତିମାନେ। ପ୍ରଥମେ ଅନଲାଇନ ପ୍ରେମ ଜାଲରେ ଫସାଇ ପରବର୍ତ୍ତୀ ସମୟରେ ଆପଣଙ୍କର ସର୍ବନାଶ କରିବାକୁ ପଛେଇ ନଥାନ୍ତି। ତେଣୁ ଏ କ୍ଷେତ୍ରରେ ଆପଣ ନିଜେ ସଚେତନ ହୋଇ ସାମାଜିକ ସଚେତନ ସେବା ଭାବେ ଅନ୍ୟ ମାନଙ୍କୁ ସଚେତନ କରନ୍ତୁ।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

# ପାରାଦୀପ ବନ୍ଦର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ, ୨୭/୧ : ପାରାଦୀପ ବନ୍ଦର ପକ୍ଷରୁ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ତୋଳନ କରିଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍?.ହରନାଦ । ମିଳିତ ପ୍ୟାରେଡ୍?ରେ ଅଭିବାଦନ ଗ୍ରହଣ କରିବା ସହିତ ପାରାଦୀପ ବନ୍ଦର ଦେଶର ଏକ ନମ୍ବର ବୃହ ବନ୍ଦର ହୋଇଥିବାରୁ ସମସ୍ତଙ୍କ ଉଦ୍ୟମ, ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପାରଦୀପ ବନ୍ଦର ୨୦୩୦ ସୁ?ଦ୍ଧା ବିଶ୍ୱ ଅର୍ଥନିତୀରେ ପ୍ରମୁଖ ସ୍ଥାନ ଗ୍ରହଣ କରିବ ବୋଲି କହିଥିଲେ । ୨୦୩୦ ମସିହା ସୁ?ଦ୍ଧା ପାରାଦୀପ ବନ୍ଦର ସମସ୍ତ ବର୍ଥର ଯାନ୍ତ୍ରୀକିକରଣ କାର୍ଯ୍ୟ ଶେଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ପାରାଦୀପକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଆଉ ୫ଟି ଯାନ୍ତ୍ରୀକ ରାସ୍ତା ସଫେଇ ମେସିନ୍ ନିୟୋଜିତ ହେବା ସହିତ ବନ୍ଦର ଅନ୍ତେବାସୀଙ୍କ ନିମନ୍ତେ ଜଳ ସଂରକ୍ଷଣାଗାର ଓ ଜଳ ବିଶୋଧନାଗାର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ଘୋଷଣା କରିଥିଲେ । ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ବେତନ ବୃଦ୍ଧି କରାଯିବା ସହିତ କର୍ମଚାରୀ ତଥା ଶ୍ରମିକମାନଙ୍କ ବୀମାରାଶିରେ ବୃଦ୍ଧି କରାଯାଇଛି ବେତନ କମିଶନଙ୍କ ନିଷ୍ପିକୁ ବନ୍ଦର କାର୍ଯ୍ୟକାରୀ କରିବାକୁ ଯାଉଛି ବୋଲି କହିଥିଲେ । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଶ୍ରୀ ହରନାଦ ପୁରସ୍କୃତ କରିଥିଲେ।

# ୨୭ରୁ ସାର୍ବଜନୀନ ହରିନାମ ସଂକୀର୍ତ୍ତନ ଓ ମହୋତ୍ସବ




ବାଲିଆପାଳ ୨୭/୧(ଆପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ରାଇପୁର ଠାରେ ସାର୍ବଜନୀନ ହରିନାମ, ସଂକୀର୍ତ୍ତନ ମହୋତ୍ସବ ଓ ଶ୍ରୀ ଜଗନ୍ନାଥଙ୍କର ସୁନାବେଶ, ଶ୍ରୀ କୃଷ୍ଣ ଙ୍କର ତିରିଶ ସଭା ସମାରୋହ ଜାନୁଆରୀ ୨୭ ରୁ ଆରମ୍ଭ ହୋଇ ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ରାଇପୁର ହରିହାଟ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ରେ ସୁଚନା ଦେଇଛନ୍ତି। ୮ ଦିନ ଧରି ହେବା କୁ ଥିବା ଏହି ମହୋତ୍ସବ ରେ ଘଟଉତୋଳନ, କଳସ ଯାତ୍ରା, ପ୍ରସାଦ ସେବନ ମୁକୁନ୍ଦ ମହାରାଜା ଙ୍କ ଦ୍ୱାରା ପ୍ରବଚନ, ଭଜନ ସନ୍ଧ୍ୟା ପ୍ରମୁଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେଥିପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବା କୁ କମିଟି ତରଫରୁ ସୁବ୍ରତ କୁମାର ଜେନା, ହେମନ୍ତ କୁମାର ମଲ୍ଲିକ ଅନାଦି ଚରଣ ଦାସ, କାହ୍ନୁ ଚରଣ ଦାସ, ରାଜିବ ଲୋଚନ ଦାସ,ମାନସ ପାତ୍ର, ଗୋବିନ୍ଦ ସାହୁ, ପ୍ରମୁଖ ନିବେଦନ କରିଛନ୍ତି ଅଞ୍ଚଳବାସୀଙ୍କ ସହଯୋଗରେ ୧୨ ବର୍ଷ ରେ ପଦାର୍ପଣ କରିଥିବା ଏହି ସାର୍ବଜନୀନ ସଂକୀର୍ତ୍ତନ ହରିହାଟ କୁ ଆଗକୁ ବଢ଼ାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜିଠୁ ଆରମ୍ଭ...

ଆଉ ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ଭଗୀରଥ ସାଜି ଓଡ଼ିଶାକୁ ଗଙ୍ଗା ସ୍ରୋତ ଭଳି ନିବେଶକ ଆଣିବେ ଖୋଦ୍ ପ୍ରଧାନମନ୍ତ୍ରୀ ମୋଦି। ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ରାଜ୍ୟ ସରକାର କେବଳ ବଡ଼ ଶିଳ୍ପକୁ ଗୁରୁତ୍ୱ ଦେଇଛନ୍ତି ତାହା ନୁହେଁ, ନିଯୁକ୍ତି ସୃଷ୍ଟିକାରୀ ଏମ୍ଏସ୍ଏମ୍ଇକୁ ଦିଆଯାଇଛି ସ୍ୱତନ୍ତ୍ର ଫୋକସ୍। କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍‌ଯାପନୀ ଉତ୍ସବରେ ସମ୍ବର୍ଦ୍ଧିତ ହେବେ 'ସିକ୍ସଟି ଅଣ୍ଡର ଫୋର୍ଟି' ଏମ୍ଏସ୍ଏମ୍ଇ। ଏଥରର ଏଇ କନକ୍ଲେଭ୍ ଜରିଆରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ ପାଇଁ ଲକ୍ଷ୍ୟ ରଖିଛନ୍ତି ନୂଆ ସରକାର। ପୂର୍ବରୁ ତିନି ତିନୋଟି ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଜରିଆରେ ପୁଞ୍ଜିପତିମାନେ ୧୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆଗ୍ରହ ଦେଖାଇଥିବା ସତ୍ତ୍ୱେ ରାଜ୍ୟ ଶିଳ୍ପାୟନରେ କିନ୍ତୁ ଦେଖିବାକୁ ମିଳିନଥିଲା ଆଖିଦୃଶିଆ ଅଗ୍ରଗତି। ଏବେ ପ୍ରଶ୍ନ, ଏଥରର ଉତ୍କର୍ଷ ଓଡ଼ିଶା କନକ୍ଲେଭର ଭାଗ୍ୟ ପୂର୍ବଭଳି ହେବନି ତ ? ଶିଳ୍ପସଂଘର କହିବା କଥା, ପୂର୍ବ ସରକାରରେ ସବୁ କ୍ଷମତା ଜଣଙ୍କ ପାଖରେ ରହୁଥିଲା। ଫଳରେ ଯେଉଁ ନିବେଶ ଆଗ୍ରହ ଆସୁଥିଲା ତାହା ବାସ୍ତବ ରୂପ ନେଇ ପାରୁ ନ ଥିଲା। କିନ୍ତୁ ନୂଆ ସରକାରରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିଛି। ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତି କାର୍ଯ୍ୟର ସମୀକ୍ଷା କରୁଛନ୍ତି। ଅନ୍ୟପକ୍ଷରେ ଖୋଦ୍ ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଦେଉଥିବାରୁ ଉତ୍କର୍ଷ ଓଡ଼ିଶା ସଫଳ ହେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ଉତ୍କର୍ଷ ଓଡ଼ିଶା କନକ୍ଲେଭ ଉଦ୍ଘାଟନ ଲାଗି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ଆଜି ଆୟୋଜିତ ହୋଇଯାଇଛି କାର୍କେଡ୍ ରିହର୍ସାଲ। ଏସବୁ ଭିତରେ ଗତକାଲିଠୁ ଓଡ଼ିଶାକୁ ଛୁଟିଲାଣି ନିବେଶକଙ୍କ ସୁଅ। ଆଜି ଶିଳ୍ପସଂଘ ସିଆଇଆଇ ପକ୍ଷରୁ ଏହାର ୨୦୦ ସଦସ୍ୟଙ୍କୁ ନେଇ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି ବୈଠକ। ସେହିପରି ଚାର୍ଟର୍ଡ ଫ୍ଲାଇଟ୍ ଜରିଆରେ ଭୁବନେଶ୍ୱର ଆସିବାକୁ ବିମାନବନ୍ଦର କର୍ତ୍ତୃପକ୍ଷକୁ ଆସିଛି ଦେଶ ବିଦେଶରୁ ଶିଳ୍ପପତିଙ୍କ ଆବେଦନ। ମଙ୍ଗଳବାର ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍-୨୦୨୫ରେ ଯୋଗଦେବେ ପିଏମ୍ ମୋଦୀ। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ କଟକଣା ଜାରି କରିଛି ପୁଲିସ କମିଶନରେଟ୍। ସକାଳ ୧୦.୨୫ରୁ ସକାଳ ୧୧.୧୦ ପର୍ଯ୍ୟନ୍ତ ଏୟାରପୋର୍ଟ ଛକ ହସ୍ପିଟାଲ ଛକ, ଏଜି ଛକ- ରାଜଭବବନ ଛକ- ପାୱାର ହାଉସ୍ ଛକ-୧୨୦ ବାଟାଲିୟନ ଛକ- ଜୟଦେବ ବିହାର ଛକ-ଜାଭିୟର ଛକ-ନାଲକୋ ଛକକୁ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ। ସେହିପରି ଅପରାହ୍ନ ୧୨.୨୦ ମିନିଟ୍‌ରୁ ଅପରାହ୍ନ ୧.୦୫ ପର୍ଯ୍ୟନ୍ତ ନାଲକୋ ଛକ- ଜାଭିୟର ଛକ- ଜୟଦେବ ବିହାର ଛକ- ୧୨୦ ବାଟାଲିୟନ ଛକ- ପାୱାର ହାଉସ୍ ଛକ- ରାଜଭବବନ ଛକ- ଏଜି ଛକ- ହସ୍ପିଟାଲ ଛକ- ଏୟାରପୋର୍ଟ ଛକକୁ କୌଣସି ଯାନବାହାନ ଚଳାଚଳ କରିପାରିବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ ପୂର୍ବରୁ ସରିଛି କାରକେଡ୍ ରିହର୍ଶାଲ। ଭୁବନେଶ୍ୱରରେ ମୋଦୀ ୨ ଘଣ୍ଟା ୨୦ମିନିଟ୍ ରହିବେ। ସେଥିପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଇଛି । ବ୍ଲୁ ବୁକ ଗାଇଡଲାଇନ ମୁତାବକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରୁଟ ଲାଇନିଂ ଓ ଟ୍ରାଫିକ ବ୍ୟବସ୍ଥା କୁ କଡାକଡି କରାଯାଇଛି । ୫ଟଏ ପୂର୍ବରୁ ଏହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମ ଓ ପ୍ରଧାନମନ୍ତ୍ରୀ ଙ୍କ ସୁରକ୍ଷା ପାଇଁ ମୋଟ ୬୦ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ ହେବେ ।

### ଉତ୍ତରାଖଣ୍ଡରେ ଲାଗୁ...

ପୋଷ୍ୟ ସନ୍ତାନ ଓ ଜନ୍ମିତ ସନ୍ତାନ : ପୋଷ୍ୟ ଭାବେ ଗ୍ରହଣ କରାଯାଇଥିବା ସନ୍ତାନ, ସରୋଗେସୀ ମାଧ୍ୟମରେ ଜନ୍ମିତ ସନ୍ତାନ କିମ୍ବା ବୈଷୟିକ ପଦ୍ଧତିରେ ଗର୍ଭଧାରଣ ଦ୍ୱାରା ଜନ୍ମିତ ସନ୍ତାନଙ୍କୁ ସମାନ ଦୃଷ୍ଟିରେ ଦେଖାଯିବ । ମୃତ୍ୟୁ ପରେ ସମାନ ସମ୍ପତ୍ତି ଅଧିକାର : ଜଣଙ୍କ ମୃତ୍ୟୁ ପରେ ସ୍ୱାମୀ ବା ପତ୍ନୀ ଓ ପିଲାଛୁଆଙ୍କୁ ସମ୍ପତ୍ତି ଉପରେ ସମାନ ଅଧିକାର ମିଳିବ । ଏପରିକି ମୃତକଙ୍କ ବାପାମାଆଙ୍କୁ ମଧ୍ୟ ସମାନ ଅଧିକାର ମିଳିବ । ଅଧିକ ପଢ଼ନ୍ତୁ : ଅରବିନ୍ଦ କେଜ୍ରିୱାଲଙ୍କୁ କାହିଁକି ମିଛୁଆ କହିଲେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଗତ ବର୍ଷ ଫେବ୍ରୁଆରୀ ମାସରେ ଉତ୍ତରାଖଣ୍ଡ ବିଧାନସଭାରେ ଏହି ଏକକ ନାଗରିକ ସଂହିତା ବିଲ୍ ଗୃହୀତ ହୋଇଥିଲା । ଗତ ବର୍ଷ ମାର୍ଚ୍ଚ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ନୂତନ ଆଇନ ଲାଗୁ ହେବା ଫଳରେ ବିବାହ, ବିଚ୍ଛେଦ, ଉତ୍ତରାଧିକାରୀ ଓ ଲିଭ୍-ଇନ୍ ରିଲେସନସିପକୁ ନେଇ ଥିବା ପୁରୁଣା ଆଇନ ଆପେ ଆପେ ଅକାମୀ ହୋଇଯାଇଛି । ୨୦୨୨ ବିଧାନସଭା ନିର୍ବାଚନ ସମୟରେ ୟୁନିଫର୍ମ ସିଭିଲ୍ କୋଡ୍ ବା ଏକକ ନାଗରିକ ସଂହିତା ରାଜ୍ୟରେ ଲାଗୁ କରିବା ପାଇଁ ବିଜେପି ପ୍ରତିଶ୍ରୁତି ଦେଇଥିଲା । ସରକାର ଗଠନ ପରେ ଏହା ଲାଗୁ କରାଯିବା ଉପରେ ପ୍ରାଥମିକତା ଦିଆଯାଇଥିଲା । ଆମେ ଲୋକଙ୍କୁ ଦେଇଥିବା ଆମର ପ୍ରତିଶ୍ରୁତି ପୂରଣ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଧର୍ମନିରପେକ୍ଷ ନାଗରିକ ସଂହିତା ଲାଗୁ କରାଯିବା ଦିଗରେ ସରକାର କାମ କରୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାରେ କହିଥିଲେ ।

### ମଧୁସୂଦନ ପାଢ଼ୀଙ୍କୁ...

ଆସନରୁ ବିଜେପିରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ନିର୍ବାଚନରେ ପରାଜୟ ବରଣ କରିଥିଲେ। ହେଲେ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ମଝିରେ ମଝିରେ ବିଜେଡି ସରକାରଙ୍କ ଉପରେ ବର୍ଷୁଥିଲେ। କିଛି ଦିନ ତଳେ ପ୍ରକାଶ ମିଶ୍ରଙ୍କ ବହି 'କମେଡି ଇନ୍ ଖାକି' ଓଡ଼ିଶାରେ ରିଲିଜ୍ ହୋଇଥିଲା। ଯେଉଁଥିରେ ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନାଁ ନନେଇ ଅନେକ ଅକୁହା କଥା ଲେଖିଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତିକୁ ଚର୍ଚ୍ଚାର ଖୋରାକ ଯୋଗାଇଥିଲା। ଠିକ୍ ସେମିତି ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମଧୁସୂଦନ ପାଢ଼ୀଙ୍କୁ ମିଳିଛି ବଡ଼ ଦାୟିତ୍ୱ। ସେ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଛନ୍ତି।

### ପ୍ରକାଶ ମିଶ୍ର ହେଲେ...

କୁଳପତି ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଥିବା ବିଜ୍ଞପ୍ତିରେ ପ୍ରକାଶ ପାଇଛି । ମଧୁସୂଦନ ପାଢ଼ୀ ହେଉଛନ୍ତି ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର। ଦୀର୍ଘବର୍ଷର କ୍ୟାରିୟର ମଧ୍ୟରେ ମଧୁସୂଦନ ପାଦୀ ବିଭିନ୍ନ ପଦବୀରେ ଓଡ଼ିଶା ସରକାରଙ୍କ ପାଇଁ କାର୍ଯ୍ୟ କରିଥିଲେ। ସେ ପରିବହନ କମିସନର, ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ମୁଖ୍ୟ ସଚିବ ଭାବରେ ପ୍ରମୁଖ ପଦବୀରେ ଅବସ୍ଥାପିତ ହୋଇଥିଲେ। ସେ ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ, ଖାଦ୍ୟ ଯୋଗାଣ ବିଭାଗର ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ।

### ୨୦୨୪ ପରେ...

ମଧ୍ୟ ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଚର୍ଚ୍ଚାରେ ଅଛି। ଅନ୍ୟପକ୍ଷରେ ବିଜୁ ଯୁବ ଜନତା ଦଳ ସଭାପତି ଭାବେ ସାଂସଦ ଶୁଭାଶିଷ ଖୁଣ୍ଟିଆ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଓ ଯୁବନେତା ଚିନ୍ମୟ ସାହୁଙ୍କ ନାଁ ଆଗରେ ଅଛି। ସେପଟେ ବିଜୁ ଛାତ୍ର ଜନତା ଦଳ ସଭାପତି ପଦ ଲାଗି ବିଧାୟକ ସୌଭିକ ବିଶ୍ୱାଳ, ରାଜେଶ ରାଜ ସ୍ୱାଇଁ, ପ୍ରଦୋଷ ପରିଡ଼ା ଓ ବିଶ୍ୱ ପ୍ରତାପ ସାହୁଙ୍କ ନାଁ ଚର୍ଚ୍ଚାରେ ଅଛି। ସେହିପରି ରାଜ୍ୟ କମିଟିରେ ୨୪ ନିର୍ବାଚନ ପୂର୍ବରୁ ଦବଦବା ରଖୁଥିବା ନେତାଙ୍କ କାଟତି ରହିବ ନା ନାହିଁ ତାକୁ ନେଇ ଅନେକ ଚର୍ଚ୍ଚା ହେଉଛି। ପୂର୍ବତନ ସାଙ୍ଗଠନିକ ସମ୍ପାଦକ ବବି ଦାସ, ସଞ୍ଜୟ ଦାସ ବର୍ମା, ଅତନୁ ସବ୍ୟସାଚୀ ନାୟକ ଓ ମାନସ ମଙ୍ଗରାଜଙ୍କୁ ନବୀନ ପୁଣି ଦାୟିତ୍ୱ ଦେବେ ନା ନୂଆ କାର୍ଡ ଖେଳିବେ ତାକୁ ନେଇ ମଧ୍ୟ ଅଙ୍କ କସା ଆରମ୍ଭ ହୋଇଯାଇଛି।

### ପୁଣି ଆରମ୍ଭ ହେବ...

ସଚିବ ବିକ୍ରମ ମିଶରୀ ବେଜିଂ ଗସ୍ତରେ ଅଛନ୍ତି। ସେଠାରେ ସେ ବୈଦେଶିକ ସଚିବ ଓ ଉପବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ। ଏହା ସହିତ ସେ ଚୀନ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଥିଲେ । ଅକ୍ଟୋବର ମାସରେ କାଜାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହୋଇଥିବା ଦୁଇ ଦିନିଆ ବୈଠକ ପରେ ଉଭୟ ପକ୍ଷ ଭାରତ-ଚୀନ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତିର ବ୍ୟାପକ ସମୀକ୍ଷା କରିଥିଲେ ଏବଂ ସମ୍ପର୍କକୁ ସ୍ଥିର ଏବଂ ପୁନଃନିର୍ମାଣ କରିବା ପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ରାଜି ହୋଇଥିଲେ।

### ପୁଣି ନକ୍ସଲ ହିଂସା: ଗ୍ରାମବାସୀକୁ ...

ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ହତ୍ୟାକୁ ନେଇ ଭେରମଗଡ ମାଓ ସଂଗଠନ ନିଜକୁ ଦାୟୀ କରିଛି। ନକ୍ସଲ ପ୍ରବଣ ଅଞ୍ଚଳରେ ଅତ୍ୟଧିକ ପୁଲିସ କ୍ୟାମ୍ପ ପ୍ରତିଷ୍ଠା ହେବା ଏବଂ ଘନ ଘନ ନକ୍ସଲଙ୍କ ଉପରେ ଚଢ଼ାଉ କରିବା ଦ୍ୱାରା ନକ୍ସଲ ଏବେ ଘାଇଲା ବାଘ ଭଳି ଘୁରିବୁଲୁଛନ୍ତି। ତେବେ ସାଧାରଣ ଜନତାଙ୍କୁ ହତ୍ୟା କରି ନକ୍ସଲ ନିଜର ଉପସ୍ଥିତି ଜାହିର କରୁଛନ୍ତି। ନକ୍ସଲ ସାଧାରଣତନ୍ତ୍ର ଦିବସକୁ ବିରୋଧ କରିଥିଲେ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଖୋର୍ଦ୍ଧା, ୨୭/୧ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପ୍ରାତଃ ୪.୩୦ମିନିଟରେ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତରଫରୁ ଡ଼ାକବାଜି ଯନ୍ତ୍ର ଯୋଗେ ରାମଧୁନ ବଜାଯାଇ ସହର ପରିକ୍ରମା କରାଯାଇଥିଲା। ସକାଳ ୭.୦୦ ଘଟିକାରେ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ମାନଙ୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ ମାଲ୍ୟାର୍ପଣ କରଥିଲେ । ସକାଳ୭.୩୦ମିନିଟରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଏବଂ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ପତାକା ଉତ୍ତୋଳନ କରାଯାଇଥିଲା। ସେଥିରେ ଜିଲ୍ଲାପାଳ, ଚଞ୍ଚଳ ରାଣା ପତାକା ଉତ୍ତୋଳନ କରିଥିଲେ ।ଅତିରିକ୍ତ ଜିଲ୍ଲାପାଳ, ପ୍ରତାପ ଚନ୍ଦ୍ର ବେଉରା /ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ/ବିଭିନ୍ନ ବିଭାଗୀୟ ଅଧିକାରୀ/ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଏବଂ କର୍ମଚାରୀ ମାନେ ସାମିଲ ହୋଇଥିଲେ। ଏହାପରେ ଉପ-ମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ବିଜେବି ହାଇସ୍କୁଲ ସ୍ଥିତ ପ୍ୟାରେଡ ପଡ଼ିଆରେ ସକାଳ ୯.୧୫ମିନିଟ ରେ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିଥିଲେ । ପରେ ପ୍ୟାରେଡ କମାଣ୍ଡାଣ୍ଟ ଙ୍କ ଆମନ୍ତ୍ରଣ କ୍ରମେ ମୁଖ୍ୟ ଅତିଥି ସୁସଜ୍ଜିତ ଖୋଲା ଜିପ୍ ରେ ପ୍ୟାରେଡ ପରିଦର୍ଶନ କରିଥିଲେ ଏବଂ ମଞ୍ଚ ରୁ ସମସ୍ତ ଙ୍କୁ ଉଦବୋଧନ ଦେଇଥିଲେ । ଭାଷଣ ରେ ସେ କହିଥିଲେ ଯେ ଏ ଦେଶ ର ବୀରପୁତ୍ରମାନଙ୍କ ତ୍ୟାଗ ଓ ବଳିଦାନ ଦ୍ୱାରା ଯେଉଁ ମହାମୂଲ୍ୟ ସ୍ୱାଧୀନତା ଆମ ହାତରେ ଥିଲା ତାହା ୧୯୫୦ମସିହା ଜାନୁଆରୀ ୨୬ ତାରିଖ ଠାରୁ ସାଧାରଣ ଜନତା ଙ୍କ ଶାସନ ପ୍ରଣାଳୀ ରେ ରୂପାନ୍ତରିତ ହେଲା। ଭାରତ ବର୍ଷରେ ମହାନ୍ ପୁରୁଷଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ନାଗରିକ ନିଜ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୁଅନ୍ତୁ,ଆମ ସମସ୍ତଙ୍କ ଲକ୍ଷ ହେଉ ଏକ ସମୃଦ୍ଧ ଶାନ୍ତି ପ୍ରିୟ ସୁନାର ଭାରତ ବର୍ଷ ।ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ପ୍ୟାରେଡ ରେ ଭାଗ ନେଇଥିବା ବିଦ୍ୟାଳୟ ଏବଂ ମହା ବିଦ୍ୟାଳୟ ର ୪୯ଟି ବିଭିନ୍ନ ଦଳ ପ୍ୟାରେଡ ପଡ଼ିଆ ପରିକ୍ରମା କରିଥିଲେ । ସେମାନଙ୍କ ମଧ୍ୟରୁ ୧୪ଟି ଦଳଙ୍କୁ ପୁରସ୍କୃତ କରାଯାଇ ଥିଲା। ପରେ ୬ଟି ସୁସଜ୍ଜିତ ପ୍ରଜ୍ଞାପନ ମେଢ ପଡ଼ିଆରେ ପରିକ୍ରମା କରିଥିଲା। ସେଥିମଧ୍ୟରୁ ଜିଲ୍ଲା ଆର୍ ଟି ଓଙ୍କ ପ୍ରଜ୍ଞାପନ ମେଢକୁ ଶ୍ରେଷ୍ଠ ଭାବେ ଟ୍ରଫି ମାନପତ୍ର ଏବଂ ଉପଢୌକନ ପୁରସ୍କୃତ କରାଯାଇ ଥିଲା ।

# ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ- ୨୦୨୫ ପାଳିତ



ବାଲେଶ୍ୱର, ୨୭/୧ (ନି.ପ୍ର): ବାଲେଶ୍ୱର ସଦର ମହକୁମାସ୍ଥିତ ପୋଲିସ ପ୍ୟାରେଡ଼ ପଡ଼ିଆଠାରେ ଜିଲ୍ଲାସ୍ତରୀୟ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗର ମାନ୍ୟବର ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ସକାଳ ଘ ୮.୩୦ ମି. ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମର ଇତିହାସ ଏବଂ ମହାତ୍ମା ଗାନ୍ଧୀ, ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ସମେତ ଅନ୍ୟ ଯେଉଁ ମହାନ ଦେଶଭକ୍ତମାନେ ଜାତୀୟ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଯାଇଛନ୍ତି ତାହାର ସ୍ମୃତିଚାରଣ କରିଥିଲେ ଓ ଏକ ସାଧାରଣତନ୍ତ୍ର ଦେଶ ଗଠନ ଏବଂ ସ୍ଥାୟୀ ସମ୍ବିଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ସମ୍ବିଧାନ ସଭାର ଅଧ୍ୟକ୍ଷ ଡ଼. ଭୀମରାଓ ଆମ୍ବେଦକର ଓ ଅନ୍ୟାନ୍ୟ ସଦସ୍ୟ ଓ ସେମାନଙ୍କ ଅବଦାନ ଉପରେ ମାନ୍ୟବର ମନ୍ତ୍ରୀ ଆଲୋକପାତ କରିଥିଲେ। ୨୦୪୭ ବିକଶିତ ଭାରତ ଅଧୀନରେ ବିକଶିତ ଓଡ଼ିଶା ୨୦୩୬ ପାଇଁ ସରକାର ବିଭିନ୍ନ ପ୍ରକାର ଅଭିନବ ଯୋଜନା ପ୍ରଣୟନ କରିଛନ୍ତି । ନାରୀ ଶକ୍ତିକୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା, ଚାଷୀମାନଙ୍କୁ ଏମ୍.ଏସ୍.ପି.ରେ ବୃଦ୍ଧି, ପି.ଏମ୍. କିଷାନ ନିଧି ଯୋଜନା, ଡିଜିଟାଲ କୃଷି ଅଧୀନରେ କୃଷକ ରେଜିଷ୍ଟ୍ରି କାର୍ଯ୍ୟ, ଗୋପାଳକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଓଡ଼ିଆ ଅସ୍ମିତା ପାଇଁ ବଜେଟ୍‌ରେ ୨୦୦ କୋଟି ଟଙ୍କାର କର୍ପସ ପାଣ୍ଠି ପ୍ରାବଧାନ, ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ୮୦ ବର୍ଷରୁ ଅଧିକ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତାରେ ବୃଦ୍ଧି, ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପାଇଁ ଜାତୀୟ ଶିକ୍ଷାନୀତି -୨୦୨୦ର ପ୍ରଣୟନ, ପି.ଏମ୍.ଶ୍ରୀ ଯୋଜନାରେ ରାଜ୍ୟର ୫୦୦ଟି ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅଧୀନରେ ୧ ହଜାର କୋଟି ଟଙ୍କା ବ୍ୟୟରେ ରାଜ୍ୟର ଗ୍ରାମାଞ୍ଚଳ ଭିତ୍ତିଭୂମି ନିର୍ମାଣ ଓ ସାମାଜିକ ବିକାଶ ଲକ୍ଷ୍ୟ, ଶ୍ରମିକମାନଙ୍କ ମଜୁରୀ ବୃଦ୍ଧି ଇତ୍ୟାଦି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମାନ୍ୟବର ବିଧାୟକ ସଦର ଶ୍ରୀ ମାନସ ଦତ୍ତ, ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡ. ସତ୍ୟଜିତ ନାୟକ, ପୋଲିସ ଉପ- ମହାନିରୀକ୍ଷକ (ପୂର୍ବାଞ୍ଚଳ ଜୋନ), ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଜ ପ୍ରସାଦ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଟି ପୋଲିସ କଂଟିଜେଣ୍ଟ, ଗୋଟିଏ ପୋଲିସ ବ୍ୟାଣ୍ଡ, ଏନ.ସି.ସି ଓ ସିଭିଲିଆନ ଦଳ ମିଶାଇ ମୋଟ ୫୦ ଟି ପ୍ଲାଟୁନ ଅଂଶଗ୍ରହଣ କରିଥିଲେ । ରିଜର୍ଭ ଇନସପେକ୍ଟର ଶ୍ରୀ ସବେଇ ଶଙ୍କର ଟୁଡୁ ମାର୍ଚ୍ଚ ପାଷ୍ଟର ନେତୃତ୍ୱ ନେବା ସହିତ ଜାତୀୟ ପତାକା ମଞ୍ଚକୁ ଅଭିବାଦନ ଜଣାଇଥିଲେ । ତାଙ୍କୁ ସହଯୋଗ କରିଥିଲେ ସେକେଣ୍ଡ-ଇନ-କମାଣ୍ଡ ଶ୍ରୀ ଉପେନ୍ଦ୍ର ନାଥ ତିରିଆ । ଜିଲ୍ଲାସ୍ତରୀୟ ସମାରୋହ ଅବସରରେ ୩ ଜଣ ବରିଷ୍ଠ ସାମ୍ବାଦିକ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଜଣେ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ମାନ୍ୟବର ମନ୍ତ୍ରୀ ୨ ଯୋଡ଼ା ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି ପ୍ରଦାନ କରିଥିଲେ ଓ ପ୍ୟାରେଡ଼୍‌ରେ ଅଂଶଗ୍ରହଣ କରିଥିବା ଏନ.ସି.ସି, ସ୍କାଉଟ ଗାଇଡ଼ ଏବଂ ସିଭିଲିଆନ ଦଳମାନଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳମାନଙ୍କୁ ସିଲଡ୍ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମଣ୍ଡଳୀୟ ବନ ଅଧିକାରୀ ଶ୍ରୀ ଖୁସୱନ୍ତ ସିଂ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀଗଣ, ଜନ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

DSPL : 357

ODISHA NEW OPPORTUNITIES

CII Confederation of Indian Industry

# MAKE IT UTKARSH

Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*




Utkarsh Odisha Inauguration by
**Prime Minister of India at 10:30 AM**

**Today 28 January 2025**

- CEOs Roundtable
- Start-up Plenary Session
- Country-of -focus Session
- Cultural Program
- Chemicals, Petrochemicals and Plastics Session
- Renewable Energy & Equipment Session
- Mining & Metallurgy Session

**VENUE: Janata Maidan Bhubaneswar**

BECOME A PART OF THE "SAMRUDH ODISHA 2036" JOURNEY

**INVEST IN ODISHA, INVEST IN FUTURE**

OIPR : 14005/13/0042/2425

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo